ଧରିତ୍ରୀ
DHARITRI
June 13-19, 2021 ₹2/-

# ଛୁଟିଦିନ





## ଅଙ୍କୁରୋଦ୍ଗମ

ପହିଲି ଆଷାଢ଼ର
ପ୍ରଥମ ବୁନ୍ଦା ଯେତେବେଳେ
ମାଟି ସ୍ପର୍ଶ କରେ ଆସିଯାଏ ଅଙ୍କୁରୋଦ୍ଗମର ସମୟ।
ଏହି ସମୟକୁ ଅପେକ୍ଷା କରି ଏବେ ପରିବେଶବିତ୍‌
ମାନେ ମଞ୍ଜି ପିଣ୍ଡୁଳାର ସାହାଯ୍ୟ ନେଇ ଜଙ୍ଗଲ ସୃଷ୍ଟି
କରିବାର ସଙ୍କଳ୍ପ ନେଉଛନ୍ତି...

୩ ପ୍ରଚ୍ଛଦ ପ୍ରସଙ୍ଗ
୧୩ ସହରଠୁ ଦୂର
୮/୯ ସିନେମା



## ସୁନ୍ଦର ଜୀବନ ପାଇଁ

### ଜୀବନକୁ ସୁଖମୟ କରିବାରେ ସାହାଯ୍ୟ କରୁଥିବା କିଛି କଥା ସମ୍ପର୍କରେ...

* ଯାହା 'ପ୍ରାପ୍ତ' ହୋଇଛି ତାହା 'ପର୍ଯ୍ୟାପ୍ତ'। ଏହି ଦୁଇଟି ଶବ୍ଦରେ ସୁଖ ହେଉଛି ଅତୁଳନୀୟ।
*ଯଦି କେହି ଖୁସି ପାଇଁ କାମ କରନ୍ତି, ତା'ହେଲେ ତାଙ୍କୁ ପ୍ରକୃତ ଖୁସି ମିଳି ନ ଥାଏ। କିନ୍ତୁ ସେହି ବ୍ୟକ୍ତି ଯଦି ଖୁସି ମନରେ କାମ କରିଥାନ୍ତି, ତେବେ ତାଙ୍କୁ ନିଶ୍ଚିତ ଭାବେ ଖୁସି ମିଳିଥାଏ।
*ଅଯଥା କାମରେ ସମୟ ନଷ୍ଟ ନ କରି ଯଦି ଏହାକୁ କିଛି ଅର୍ଥପୂର୍ଣ୍ଣ କାର୍ଯ୍ୟରେ ଲଗାଯାଏ, ତା'ହେଲେ ସମୟର ସଦୁପଯୋଗ ହୋଇ ଆତ୍ମତୃପ୍ତି ମିଳିଥାଏ।



*କୌଣସି ମହାନ୍ ବ୍ୟକ୍ତି ସୁଯୋଗର ଅଭାବ ବିଷୟରେ କେବେ ବି ଅଭିଯୋଗ କରନ୍ତି ନାହିଁ। ଯେ କୌଣସି ପରିସ୍ଥିତି ହୋଇ ଥାଉ ନା କାହିଁକି ତାହାକୁ କେମିତି ସଦୁପଯୋଗ କରିହେବ, ତାହା ତାଙ୍କୁ ଜଣାଥାଏ।
*ମହାନତା କଦାପି ତଳେ ପଡ଼ିବାର ନୁହେଁ, କିନ୍ତୁ ପ୍ରତ୍ୟେକ ଥର ତଳେ ପଡି ପୁଣି ଉଠି ଯିବାରେ ଥାଏ।
*କାହା ମୁହଁରେ ଉଚିତ କଥା କହିଲେ ଆପଣ ଖରାପ ହେବେ; କାରଣ ପ୍ରତିବାଦୀମାନେ ସବୁବେଳେ ଅପରାଧୀ, ସେ ଘରେ ହେଉ କି ବାହାରେ।
*ପରର ଘର ଭାଙ୍ଗି ଆନନ୍ଦ ପାଉଥିବା ଲୋକଟି କେବେ ବୁଝିପାରେ ନାହିଁ ତା' ନିଜର ଘର ସଂସାର ଅଛି ବୋଲି। ସମୟର ପଶାପାଲି ବଦଳି ଗଲେ ତା' ଘରକୁ କେତେବେଳେ ଯେ ଦଇବ ଭାଙ୍ଗି ଦେବ ସେ ଜାଣିପାରିବ ନାହିଁ। ତେଣୁ ଏଭଳି କର୍ମରୁ ନିଜକୁ ଦୂରେଇ ରଖିବା ଦରକାର।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁନ୍ ୧୩-୧୯

**ମେଷ**



ଅର୍ଥର ଅଭାବ ରହିବନି, ଶ୍ରୁତିମଧୁର ବାର୍ତ୍ତାଳାପରୁ ପ୍ରଶଂସା, , ସହାନୁଭୂତିପୂର୍ଣ୍ଣ ପରାମର୍ଶପ୍ରାପ୍ତି, ରାଜନୈତିକ ସମସ୍ୟା, ପ୍ରଶାସନିକ ଚାପବୃଦ୍ଧି, ଗୁପ୍ତ ମନ୍ତ୍ରଣା ପ୍ରଘଟ ହେବ, ବାଣିଜ୍ୟରେ ପ୍ରତିବନ୍ଧକ।

**ବୃଷ**



ସ୍ୱାସ୍ଥ୍ୟ ଭଲ ରହିବ, ପ୍ରତିଯୋଗିତାରେ ସଫଳତା, ଅର୍ଥନୈତିକ ଅଭିବୃଦ୍ଧି, ଜମିଜମା କ୍ରୟବିକ୍ରୟ, ବାଣିଜ୍ୟରେ ଉନ୍ନତି, ଆତ୍ମସମ୍ମାନ ବଢ଼ିବ, ପାରିବାରିକ ଦ୍ୱନ୍ଦ୍ୱ, ପରିବହନରେ ବାଧା।

**ମିଥୁନ**



ପରିସ୍ଥିତି ବଦଳିଯିବ, ଦ୍ୱନ୍ଦ୍ୱର ସମ୍ମୁଖୀନ ହେବେ, ବ୍ୟବହାରରେ ରୁକ୍ଷତା, ଗବେଷଣାରେ ଶୀର୍ଷସ୍ଥାନ, ନୂତନ ଯୋଜନାରମ୍ଭ, ପାରିବାରିକ ସହମତି, ସମସ୍ୟା ସମାଧାନ, ସାଂସ୍କୃତିକ କାର୍ଯ୍ୟକ୍ରମ।

**କର୍କଟ**



ସୃଜନୀ ଶକ୍ତିର ବିକାଶ, ସୌନ୍ଦର୍ଯ୍ୟାନୁଭୂତି, ସାହିତ୍ୟାନୁରାଗ, ଚଳଚ୍ଚିତ୍ରରେ ଦ୍ୱନ୍ଦ୍ୱ, ଦୀର୍ଘମିଆଦୀ ଯୋଜନା, ପ୍ରକଳ୍ପ କାର୍ଯ୍ୟାରମ୍ଭ, କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ, ବାକ୍ ଅସଂଯମତାରୁ କଳହ, ସଭାସମିତିକୁ ଆହ୍ୱାନ।

**ସିଂହ**



ସମାଧାନର ବାଟ ଖୋଜିବେ, ନିର୍ମାଣ ଚାଲୁ ରହିବ, ବ୍ୟୟବୃଦ୍ଧିରୁ ଦୁଶ୍ଚିନ୍ତା, ଆବଶ୍ୟକତା ଅପୂରଣ, ଆତ୍ମୀୟଙ୍କ ଅସହିଷ୍ଣୁତା, ସହକର୍ମୀଙ୍କ ଦୌରାତ୍ମ୍ୟ, ପୁତ୍ରବଧୂଙ୍କ ସମସ୍ୟା।

**କନ୍ୟା**



ଉନ୍ନତ ଚିନ୍ତା, ଉଦାର ଭାବନା, ତ୍ୟାଗପୂତ ମନୋଭାବ, ସାମାଜିକ ସମ୍ମାନ, ପାରିବାରିକ ସହମତି, ଆଇନ ସହାୟତାପ୍ରାପ୍ତି, ଏଜେନ୍ସିପ୍ ବଢିବ, ନୂତନ କାମରେ ଅନୁପ୍ରବେଶ, କଳାରେ ଉତ୍କର୍ଷତା।

**ତୁଳା**



ମାନସିକ ସୁସ୍ଥତା, ବନ୍ଧୁଙ୍କ ଅକୁଣ୍ଠ ସାହାଯ୍ୟ, ସ୍ୱଷ୍ଟ୍ୟାନ୍ତରିରୁ ଆଶ୍ୱସ୍ତି , ଯାନ୍ତ୍ରିକ ତ୍ରୁଟିରୁ ଯାତ୍ରାହାନି, କର୍ମ ସମ୍ପାଦନରେ ବିଘ୍ନ, ବ୍ୟବସାୟିକ ସଫଳତା, ଯାନ୍ତ୍ରିକ ଜିନିଷ କ୍ରୟ, ସଂଗଠନରେ ବିତର୍କ, ନୂତନ ବନ୍ଧୁସମ୍ପର୍କ।

**ବିଛା**



ସରସତା ରହିବନି, ଭ୍ରାତୃ ସମ୍ପର୍କହାନି, ବୁଝାମଣାର ଅଭାବ, ବନ୍ଧୁ ଦୂରେଇବେ, ବାଣିଜ୍ୟର ଅଭିବୃଦ୍ଧି, ପାରିବାରିକ ସୌଖ୍ୟ, ଆଶାବାଦୀ ହେବେ, ଦୂରଯାତ୍ରାର ମସୁଧା, ସ୍ଥାନାନ୍ତର ଚିନ୍ତା।

**ଧନୁ**



କାର୍ଯ୍ୟରେ ଅନୁକୂଳତା, ସୁଚିନ୍ତିତ ଯୋଜନା, ଗୃହୋପଯୋଗୀ ଜମିଲାଭ, କଳକାରଖାନାରେ ସମସ୍ୟା, ପରିବହନରେ ଝଗଡା, ଭାବପ୍ରବଣତା ବଢିବ, ଭୁଲ୍ ନିଷ୍ପତ୍ତି ନେବେ, ଅବରୁଦ୍ଧ ଅର୍ଥନୀତି, ରାଜନୈତିକ ସଂଘର୍ଷ।

**ମକର**



ପାରିବାରିକ ଅସ୍ଥିରତା, ବ୍ୟୟବହୁଳ ଜୀବନ, ପ୍ରତିକୂଳ ପରିସ୍ଥିତି। ନୈତିକ ଅବକ୍ଷୟ, ହୀନମନ୍ୟତାରୁ ସମାଲୋଚନା, ଅସାଧାରଣ ପରିସ୍ଥିତି, ଫଳପ୍ରଦ ଆଲୋଚନା, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, ସଭା ସମିତିକୁ ନିମନ୍ତ୍ରଣ, ନିର୍ମାଣରେ ରୋକ୍।

**କୁମ୍ଭ**



ସମସ୍ୟା ପ୍ରତିହତ ହେବ, ସମ୍ପର୍କରେ ନ୍ୟୂନତା, ପ୍ରିୟଜନଙ୍କୁ ମିଶିବେ, ପରୋକ୍ଷ ଶତ୍ରୁତା। ଆର୍ଥିକ ପ୍ରଗତି, ନୂତନ ଗୃହନିର୍ମାଣ, ବ୍ୟବସାୟିକ ଉତ୍କର୍ଷ, ପରୀକ୍ଷାରେ କୃତିତ୍ୱ, ଅନୁସନ୍ଧାନରେ ବିଳମ୍ବ, ରଚନାତ୍ମକ କାର୍ଯ୍ୟ।

**ମୀନ**



ବିପଦମୁକ୍ତ ହେବେ, ବେପରୁଆ ଗାଡିଚାଳନା, ଅତ୍ୟଧିକ କ୍ରୋଧରୁ କଳହ, ଆତ୍ମୀୟ ସ୍ୱଜନଙ୍କ ଅନାଦର, ସୀମା ବିବାଦ ଘନେଇବ, ଭୁଲକାମ କରିପାରନ୍ତି, ଅପଯଶ ମିଳିବ, ସନ୍ତାନଙ୍କ ବିଶୃଙ୍ଖଳା, ସ୍ୱାସ୍ଥ୍ୟରେ ଉନ୍ନତି, ଗୁରୁଜନଙ୍କ ସୁପରାମର୍ଶ।

## ରାତିରେ ଭୋକ ଲାଗିଲେ



**ବେ**ଳେବେଳେ ରାତ୍ରିଭୋଜନ ଖାଇକି ଶୋଇଲେ ବି ରାତି ଅଧରେ ଅନେକଙ୍କୁ ଭୋକ ଲାଗିଥାଏ; ଯଦ୍ୱାରା ସେମାନଙ୍କ ନିଦ ଭାଙ୍ଗିଯାଏ ଆଉ ସେମାନେ ରାତିରେ ଉଠି କିଛି ନା କିଛି ଖାଇକି ଶୋଇଥାନ୍ତି। ତେବେ ରାତି ଅଧରେ ଭୋକ ଲାଗିଲେ କ'ଣ ଖାଇବା ଦ୍ୱାରା ଭୋକ ବନ୍ଦ ହେବା ସହ ଦେହ ସୁସ୍ଥ ରହିଥାଏ, ସେ ନେଇ ଅନେକେ ଜାଣି ନ ଥାନ୍ତି। ଫଳରେ ସେମାନେ ରାତିରେ ଯାତ୍ରୁ ସ୍ୟାତ୍ରୁ କ'ଣ ଟିକେ ଖାଇଦେଇ ଶୋଇ ପଡିବା ଦ୍ୱାରା ସକାଳକୁ ସେମାନଙ୍କୁ ଆଉ ଫୁର୍ତ୍ତି ଲାଗି ନ ଥାଏ। ତେଣୁ ଏ ନେଇ କେତେକ ବିଶେଷଜ୍ଞମାନେ ମତ ଦେଇଛନ୍ତି ଯେ, ଯଦି ରାତି ଅଧରେ ଭୋକ ଲାଗେ ତା'ହେଲେ ସ୍ନାକ୍ସ କିମ୍ବା ଫାଷ୍ଟଫୁଡ୍ ଖାଦ୍ୟ ପରିବର୍ତ୍ତେ ଫଳ ଖାଇବା ସବୁଠୁ ଲାଭ ଦାୟକ ହୋଇଥାଏ। କାରଣ ଫଳରେ ଭିଟାମିନ୍ସ, ମିନେରାଲ୍ସ, ଫାଇଟୋକେମିକାଲ୍ ତଥା ଫାଇବର୍ ଆଦି ପୋଷଣ ତତ୍ତ୍ୱ ପ୍ରଚୁର ପରିମାଣରେ ରହିଥାଏ। ବିଶେଷକରି ପାଚିଲା କଦଳୀ, ସେଓ, ନାସପାତି ଭଳି ଫାଇବର୍‌ଯୁକ୍ତ ଫଳ ରାତିରେ ଖାଇଲେ କିଛି ଅସୁବିଧା ନାହିଁ। ଏପରି କି ତରଭୁଜ ଓ ଷ୍ଟ୍ରବେରୀ ମଧ୍ୟ ରାତିରେ ଖାଇପାରିବେ। କିନ୍ତୁ ମନେରଖିବେ ଖାଦ୍ୟ ଖାଇବାର କିଛି ସମୟ ପରେ ଯେମିତି ଫଳ ଖାଇବେ।

## ପାଠକୀୟ

*କରୋନା ସମୟରେ ବି କିଛି ଯୁବଗୋଷ୍ଠୀ ଘରେ ନ ରହି ବାହାରିପଡ଼ନ୍ତି ଲୋକଙ୍କ ଚିନ୍ତାରେ। ସେମିତି କେତେଜଣ ଯୁବତୀ ଯୁବକ ଏବେ ଗଳିକନ୍ଦି ଘରଘର ବୁଲି ନିଜସ୍ୱ ଉଦ୍ୟମରେ ସାନିଟାଇଜ୍ କରି ସ୍ୱଚ୍ଛ ପରିବେଶର ବାର୍ତ୍ତା ଦେଉଛନ୍ତି। ତେଣୁ ଏଭଳି ଏକ ସମୟୋପଯୋଗୀ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ଛୁଟିଦିନର ପ୍ରଚ୍ଛଦ ପ୍ରସଙ୍ଗ 'ସେବାରେ ଆନନ୍ଦ'ଟି ଖୁବ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। 'ବାସ୍ତୁ ଅନୁଯାୟୀ ଦୋକାନ', 'ଘର ଉପରେ ରାସ୍ତା' ଆଦି ପାଠଗୁଡ଼ିକ ବି ବେଶ୍ ଶିକ୍ଷଣୀୟ ବିଷୟ ଥିଲା।

*-ମନ୍ଦାକିନୀ ବରାଳ, ଫୁଲନଖରା, କଟକ*

*ସ୍ୱଚ୍ଛତା ହିଁ ପବିତ୍ରତା। ପୃଥିବୀରେ ଦିନକୁ ଦିନ ମାଟି, ପାଣି, ପବନ ଦୂଷିତ ହେଉଥିବାରୁ ଅସନ୍ତୁଳନ ହେଉଛି ତା'ର ପରିବେଶ। ଏଥିଯୋଗୁ ଅସୁସ୍ଥ ହୋଇପଡୁଛି ପ୍ରାଣୀଜଗତ। ମାତ୍ର କୌଣସି ପ୍ରାକୃତିକ ବିପର୍ଯ୍ୟୟରେ ହେଉ କି ମହାମାରୀରେ କବଳିତ ହୋଇଥିବା ମଣିଷଙ୍କୁ ଭୋଗିବାକୁ ପଡେ ଅସହ୍ୟ ଦୁଃଖ ଯନ୍ତ୍ରଣା। ଏଇ ଯେମିତି ଏବେ କରୋନା ଭୂତାଣୁର ଭୟ। ଏମିତି ସମୟରେ କେତେଜଣ ନିଜର ସୁଖସୁବିଧାକୁ ଭୁଲି ଗଳିକନ୍ଦି ଘରଘର ବୁଲି ନିଜସ୍ୱ ଉଦ୍ୟମରେ ସାନିଟାଇଜ୍ କରି ସ୍ୱଚ୍ଛ ପରିବେଶର ବାର୍ତ୍ତା ଦେଉଛନ୍ତ। ସେମିତି କିଛି ସ୍ୱେଚ୍ଛାସେବୀଙ୍କୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ସେବାରେ ଆନନ୍ଦ' ଏକ ମର୍ମସ୍ପର୍ଶୀ ଆଲେଖ୍ୟ ଥିଲା। ମଡେଲ୍ ମିରର୍‌ରେ ସ୍ୱପ୍ନା ବେଶ୍ ସୁନ୍ଦରୀ ଲାଗୁଥିଲେ।

*-ସ୍ୱପ୍ନା ସୁନ୍ଦରୀ, ଫୁଲବାଣୀ*

*ଏଥରର ସହର ପୃଷ୍ଠାରେ ସ୍ଥାନିତ 'ଲୋକଟକ୍ ହ୍ରଦ' ସମ୍ପର୍କରେ ଅନେକ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସେହିପରି ପ୍ରଥମ ରୋଜଗାର ସ୍ତମ୍ଭରେ ସ୍ଥାନିତ ଗୀତିକବି ତଥା ଗାଳ୍ପିକ ବଦ୍ରି ମିଶ୍ରଙ୍କ ରୋଜଗାର ସମ୍ପର୍କିତ ଅନୁଭୂତିଟି ମୋ ମନକୁ ବେଶ୍ ଛୁଇଁଗଲା। ସାଥୀର ଉତ୍ତରଗୁଡ଼ିକ ମଧ୍ୟ ଖୁବ୍ ରୋମାଣ୍ଟିକ୍ ଥିଲା। ଅନ୍ୟପକ୍ଷେ ସିନେମା ପୃଷ୍ଠାରେ ସ୍ଥାନିତ 'ମ୍ୟୁଜିକ୍ ପ୍ରେମରେ ପ୍ରାଚୀ', 'କଥା ରଖିଲେ କରୀନା', 'ବିଶ୍ୱାସ କରିପାରୁ ନାହାନ୍ତି ସାରା' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ଖୁବ୍ ସୁନ୍ଦର ହୋଇଥିଲା।

*-ରାକେଶ ପ୍ରଧାନ, ଖଣ୍ଡଗିରି, ଭୁବନେଶ୍ୱର*

*ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରେ ସ୍ଥାନିତ 'ଫ୍ରିଲ୍ ଫ୍ୟାଶନ' ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ଏଥରର ଚିନ୍ମୟ ଚିନ୍ତନ 'ହନୁମାନ ମିଛ କହିଲେ'ଟି ବେଶ୍ ମାର୍ମିକ ତଥା ହୃଦୟସ୍ପର୍ଶୀ ହୋଇଥିଲା। ସେହିପରି ବିବିଧା ପୃଷ୍ଠାରେ ସ୍ଥାନିତ 'ମାଛ ଧରିବା ପାଇଁ ପକ୍ଷୀ ପାଳିଥିଆଏ ଛତା' ପାଠଟି ବି ଖୁବ୍ ମଜାଦାର୍ ଥିଲା।

*-ରଶ୍ମିତା ଦାଶ, ପେଣ୍ଠକଟା, ପୁରୀ*

### ବିଶେଷ ଚିଠି



**ଛୁ**ଟିଦିନ ଆହେ ଛୁଟିଦିନ
ପତ୍ରିକା ମଧ୍ୟେ ତୁମେ ଅନନ୍ୟ
ପ୍ରଚ୍ଛଦରେ ତୁମ ସେବାରେ ଆନନ୍ଦ
କିଣିନେଲା ସଭିଙ୍କର ମନ।
ଇମ୍ୟୁନିଟି ପାଇଁ ଆୟୁର୍ବେଦ
ଶିଖାଇଲା କେତେ ନୂଆ ନୂଆ ଭେଦ
ସୃଜନ ପୃଷ୍ଠାର ଗପ ଓ କବିତା
ଭରିଦେଲା ମନେ କେତେ ଛନ୍ଦ।
ଲାଇଫ୍ ଷ୍ଟାଇଲ୍‌ରେ ଫ୍ରିଲ୍ ଫ୍ୟାଶନ
ସହରରେ ପୁଣି ଲୋକଟକ୍ ହ୍ରଦ
ଏହିପରି ଭାବେ ଷୋହଳ ପୃଷ୍ଠାରେ
ପ୍ରତି ରବିବାରେ ଆସ ନେଇ କେତେ ରଙ୍ଗ।

*-ମମତା ମହାନ୍ତି, ଚୌଦ୍ୱାର, କଟକ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795
ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ଅଙ୍କୁରୋଦ୍ଗମ







ପରିବେଶ ସୁରକ୍ଷା ସହ ଜଙ୍ଗଲ ସୃଷ୍ଟି ପାଇଁ ଏବେ ଅନେକେ ଚିନ୍ତିତ। ସମତଳ ଜାଗାରେ ବିଭିନ୍ନ ଲୋକ, ବିଭିନ୍ନ ଅନୁଷ୍ଠାନ ଗଛ ଲଗାଇ ସଚେତନ କରିବା ସହ ଜଙ୍ଗଲ ସୃଷ୍ଟି ପାଇଁ ପ୍ରୟାସ ଜାରି ରଖିଛନ୍ତି। କିନ୍ତୁ ଏମିତି ଅନେକ ଜାଗା ରହିଛି ଯେଉଁଠିକୁ କେହି ଯାଇ ଗଛ ଲଗାଇବା ଆଦୌ ସମ୍ଭବ ନୁହେଁ। ପାହାଡ଼ ପର୍ବତ ଏପରିକି ଅନେକ ଜାଗା ରହିଛି ଯାହା ଭିତରକୁ ଯାଇ ଗଛ ଲଗାଇବା ଓ ପାଣି ଦେଇ ତା'ର ଯତ୍ନ ନେବା ଆଦୌ ସମ୍ଭବ ନୁହେଁ। ସେଥିରେ ପୁଣି କୀଟପତଙ୍ଗ, ଗୋରୁ ଗାଇ ଗଛ ନଷ୍ଟ କରି ଦେବାର ସମ୍ଭାବନା ରହିଛି। ତେଣୁ ଏସବୁକୁ ଦୃଷ୍ଟିରେ ରଖି ଏବେ ସିଡ୍ ବଲ୍ ବା ମଞ୍ଜି ପିଣ୍ଡୁଳା ସାହାଯ୍ୟରେ ଜଙ୍ଗଲ ସୃଷ୍ଟି ପାଇଁ ଅଣ୍ଟା ଭିଡିଲେଣି ଅନେକେ। ଏହି ପଦ୍ଧତିରେ ମଞ୍ଜି ସଂଗ୍ରହ କରି ତାକୁ ଖରାରେ ଶୁଖାଯାଏ। ତା ପରେ ମାଟି ଗୋବର, କୀଟନାଶକ ଆଦି ଦେଇ ମାଟିକୁ ଚକଟାଯାଏ। ତାପରେ ତାକୁ ଛୋଟ ଛୋଟ ଗୋଲ କରି ତା ଭିତରେ ମଞ୍ଜି ରଖାଯାଇ ଖରାରେ ଶୁଖାଯାଏ। ପିଣ୍ଡୁଳାଗୁଡିକ ଶୁଖି ସାରିବା ପରେ ଠିକ୍ ବର୍ଷା ଆରମ୍ଭରୁ ପାହାଡ ଜଙ୍ଗଲ ବିଶେଷକରି ଅଗମ୍ୟ ସ୍ଥାନରେ ଫିଙ୍ଗାଯାଏ। ଯେଉଁଠିକୁ ଯାଇ ଗଛ ଲଗାଇବା ଆଦୌ ସମ୍ଭବ ନୁହେଁ। ବର୍ଷା ଆରମ୍ଭରେ ଏହି ପିଣ୍ଡୁଳା ଭିତରୁ ଅଙ୍କୁରୋଦଗମ ହୋଇଥାଏ। ପାଶ୍ଚାତ୍ୟ ଦେଶରେ ବେଶ୍ ଜଣାଶୁଣା ଏହି ପଦ୍ଧତିକୁ ଆମ ଦେଶରେ ଅନେକ ଜାଗାରେ ପରିବେଶବିତ୍ ଓ ସରକାରଙ୍କ ମିଳିତ ଉଦ୍ୟମରେ କାର୍ଯ୍ୟକାରୀ ହେବାର ଦେଖିବାକୁ ମିଳୁଛି। ଓଡ଼ିଶାରେ ମଧ୍ୟ ଅନେକ ପରିବେଶ ସଚେତନ ମଣିଷ ଏହି ଉପାୟରେ ଜଙ୍ଗଲ ସୃଷ୍ଟି କରି ପରିବେଶ ସୁରକ୍ଷାର ସଙ୍କଳ୍ପ ନେଇଛନ୍ତି।

**ପରିବେଶ ସୁରକ୍ଷା ସହ ଖାଦ୍ୟ ଅଭାବ ବି ଦୂର ହେବ:** ସେ ଏମିତି ଜଣେ ମଣିଷ ଯାହାଙ୍କର ସବୁବେଳେ ଚିନ୍ତା କେମିତି ଅଧିକରୁ ଅଧିକ ଗଛ ଲଗାଇବା ସହ ଜଙ୍ଗଲ ସୃଷ୍ଟି କରିବା, ଯେଉଁଥିରେ ପରିବେଶ ସୁରକ୍ଷା ହେବା ସହ ମଣିଷ ଜୀବଜନ୍ତୁଙ୍କର ଖାଦ୍ୟାଭାବ କିଛି ମାତ୍ରାରେ ଦୂର କରାଯାଇପାରିବ। ଯେଉଁଥିପାଇଁ ଏବେ ସେ ସିଡ୍ ବଲ୍ ବା ବିହନ ପିଣ୍ଡୁଳା ସାହାଯ୍ୟ ନେଇ ଜଙ୍ଗଲ ସୃଷ୍ଟି କରୁଛନ୍ତି। ଇଏ ହେଲେ ସୁଶାନ୍ତ କୁମାର ସାହୁ। ବିଜେବି କଲେଜରେ ପଢିବାବେଳେ ସୁଶାନ୍ତ ଏନଏସଏସ୍ କ୍ୟାମ୍ପରେ ଯୋଗ ଦେଇ ବିଭିନ୍ନ ଜାଗାରେ ଗଛ ଲଗାଉଥିଲେ। ସେହି ସମୟରୁ ତାଙ୍କର ଗଛ ଲଗାଇବା ପ୍ରତି ଆଗ୍ରହ ବଢିଲା। ଏମିତି ବିଭିନ୍ନ ସମୟରେ ସେ ଗଛ ଲଗାଇବା ସହ ଲୋକଙ୍କୁ ପରିବେଶ ପ୍ରତି ସଚେତନ କରାନ୍ତି। ତେବେ ୨୦୧୯ ମସିହାରେ ସେ ଗଛ ଲଗାଇବା ପାଇଁ ସିଡ୍ ବଲର ବ୍ୟବହାର କରିବା ସହ ବିଭିନ୍ନ ସ୍କୁଲକୁ ଯାଇ ପିଲାମାନଙ୍କୁ ଏସମ୍ପର୍କରେ ତାଲିମ ବି ଦେଲେ। ସୁଶାନ୍ତ କୁହନ୍ତି, ଚନ୍ଦକା ଜଙ୍ଗଲ ଭରତପୁର ସଂରକ୍ଷିତ ଜଙ୍ଗଲ ଏବଂ ଭଙ୍ଗାପାଟଣା ସଂରକ୍ଷିତ ଜଙ୍ଗଲରେ ୨ ବର୍ଷ ଭିତରେ ପାଖାପାଖି ୫୦୦୦ବିହନ ପେଣ୍ଡୁ ନିକ୍ଷେପ କରିଛି। ସେଥି ମଧ୍ୟରେ ଅଧିକ ରହିଛି ତେନ୍ତୁଳି ଓ ପଣସ। ସୁଶାନ୍ତ ବିଶ୍ୱାସ କରନ୍ତି ଫଳ ଗଛର ମଞ୍ଜି ପକାଇଲେ ଏହାଦ୍ୱାରା ଜଙ୍ଗଲି ପ୍ରାଣୀଙ୍କର ଖାଦ୍ୟାଭାବ କିଛିମାତ୍ରାରେ ଦୂର ହୋଇପାରିବ ଯାହାଫଳରେ ସେମାନେ ଜଙ୍ଗଲ ଛାଡି ପଦାକୁ ଆସିବେ ନାହିଁ। ଲୋକମାନଙ୍କ କାମରେ ମଧ୍ୟ ଆସିପାରିବ। ସୁଶାନ୍ତ ଏବେ ସିଡ୍ ବଲକୁ ଲୋକପ୍ରିୟ କରାଇବା ପାଇଁ ବିଭିନ୍ନ ପର୍ବପର୍ବାଣି ଓ ଜାତୀୟ ଦିବସରେ ତା ମାଧ୍ୟମରେ ବିଭିନ୍ନ ପରିବେଶ ସଚେତନତାର ବାର୍ତ୍ତା ତିଆରି କରି ଗଣମାଧ୍ୟମ ଜରିଆରେ ଲୋକଙ୍କ ପାଖରେ ପହଞ୍ଚାଉଛନ୍ତି। ସୁଶାନ୍ତ ନିଜ ଖାଲି ସମୟରେ ହିଁ ଏହି ବିହନ ପେଣ୍ଡୁକୁ ପ୍ରସ୍ତୁତ କରନ୍ତି। ଯେଉଁଥି ପାଇଁ ମାଟି, ମଞ୍ଜି, ଖତ ଓ ଜୈବିକ ସାରର ଆବଶ୍ୟକତା ପଡେ। ମଞ୍ଜି ବି ବେଶ୍ ସହଜରେ ମିଳିଯାଏ। ଗୁପଚୁପ୍ ବିକାଳୀଙ୍କଠାରୁ ତେନ୍ତୁଳି ମଞ୍ଜି ଓ ଅନ୍ୟାନ୍ୟ ଲୋକଙ୍କଠାରୁ ବିଭିନ୍ନ ମଞ୍ଜି ସେ ସଂଗ୍ରହ କରନ୍ତି। ସୁଶାନ୍ତ କୁହନ୍ତି ଯେ ଏଥିରେ ତାଙ୍କର ବିଶେଷ କିଛି ପଇସା ବି ଖର୍ଚ୍ଚ ହୁଏ ନାହିଁ। ଯିଏ ବି ଚାହିଁଲେ ଏହି ମାଟି ପିଣ୍ଡୁଳା ପ୍ରସ୍ତୁତ କରିପାରିବେ। ବିଭିନ୍ନ ଜାଗାରେ ଗଛ ଲଗାଇ ଗଛ ବଞ୍ଚାଇବା ଏତେ ସହଜ ସାଧ୍ୟ ନୁହେଁ। ଗାଇଗୋରୁ କୀଟପତଙ୍ଗ ଖାଇବାର ଭୟ ବି ରହିଛି। କିନ୍ତୁ ଏହି ମଞ୍ଜି ପିଣ୍ଡୁଳାରେ ଜୈବିକ ସାର ମିଶୁଥିବାରୁ ଏହାକୁ କୀଟପତଙ୍ଗ ଖାଆନ୍ତି ନାହିଁ। ବର୍ଷା ଆରମ୍ଭ ପୂର୍ବରୁ କେବଳ ବିଭିନ୍ନ ପାହାଡ଼ ଜଙ୍ଗଲ ଦେଖି ପକାଇ ଦେଲେ ଗଛ ଆପେ ଆପେ ଗଜା ହେବ। ଚାରା ରୋପଣରେ ଦଶ ପ୍ରତିଶତ ଚାରା ବଞ୍ଚୁଥିବାବେଳେ ଏହି ପ୍ରକ୍ରିୟାରେ ୫୦ ପ୍ରତିଶତ ଗଛ ବଞ୍ଚିଥାଏ। ସେହିପରି ଚାରା ରୋପଣ ପ୍ରକ୍ରିୟାରେ ୩ ବର୍ଷ ପାଇଁ ଚାରାଗୁଡିକର ଯତ୍ନ ନେବା →



**ପହିଲି ଆଷାଢ଼ର ପ୍ରଥମ ବୁନ୍ଦା ଯେତେବେଳେ ମାଟି ସ୍ପର୍ଶ କରେ ଆସିଯାଏ ଅଙ୍କୁରୋଦ୍ଗମର ସମୟ। ଏହି ସମୟକୁ ଅପେକ୍ଷା କରି ଏବେ ପରିବେଶବିତ୍ ମାନେ ମଞ୍ଜି ପିଣ୍ଡୁଳାର ସାହାଯ୍ୟ ନେଇ ଜଙ୍ଗଲ ସୃଷ୍ଟି କରିବାର ସଙ୍କଳ୍ପ ନେଉଛନ୍ତି...**



ସୁଶାନ୍ତ କୁମାର ସାହୁ





ବାବଦକୁ ୨ ରୁ ୫ ହଜାର ଟଙ୍କା ଖର୍ଚ୍ଚ ହେଉଥିବାବେଳେ ସିଡ ବଲରେ ଗଛ ହେବା ପାଇଁ ପଇସାର ଆବଶ୍ୟକତା ପଡେ ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଅପହଞ୍ଚ ସ୍ଥାନରେ ଏହି ସିଡବଲକୁ ନିକ୍ଷେପ କରି ସବୁଜ ସୁନ୍ଦର ଜଙ୍ଗଲ ତିଆରି କରାଯାଇପାରିବ। ସ୍ୱଳ୍ପ ଖର୍ଚ୍ଚ ଓ କମ୍ ସମୟ ମଧ୍ୟରେ ବନୀକରଣ ହୋଇପାରୁଥିବାରୁ ଏହି ପ୍ରକ୍ରିୟା ଦିନକୁ ଦିନ ଲୋକପ୍ରିୟ ହେବାରେ ଲାଗିଛି। ପ୍ରକୃତରେ ଏହି ସିଡବଲ୍ ମୁଭମେଣ୍ଟରେ ଯଦି ପ୍ରତି ବିଦ୍ୟାଳୟର ସପ୍ତାହରେ ଗୋଟିଏ ଦିନରେ ଗୋଟିଏ ଘଣ୍ଟା ପାଇଁ ପିଲାମାନଙ୍କୁ ସାମିଲ କରିପାରନ୍ତେ ତେବେ ଆମେ ଉଜୁଡି ଯାଇଥିବା ସବୁଜିମାକୁ ଖୁବଶୀଘ୍ର ଫେରାଇ ଆଣିପାରିବା।

**ଗଛ ଦେଇଛି ନୂଆ ପରିଚୟ:** ପିଲାବେଳୁ ତାଙ୍କର ସଉକ ଥିଲା ଗଛ ଲଗାଇବା, କିନ୍ତୁ ବଡ଼ ହେବା ପରେ ସେ ଦେଖିଲେ ଯେଉଁଭଳି ଭାବରେ ଜଙ୍ଗଲ ନଷ୍ଟ ହୋଇଚାଲିଛି ସେଥିପାଇଁ ନିହାତି କିଛି କରିବା ଦରକାର। ତେଣୁ ଚିନ୍ତା କଲେ ନିଜେ ଗଛ ଲଗାଇବେ, ଯେଉଁଥିରେ ଆସ୍ତେ ଆସ୍ତେ ଯୋଡ଼ି ହୋଇଗଲେ ତାଙ୍କ କୁନି ପୁଅ, ମାଆ, ସାଙ୍ଗସାଥୀ ଓ ଅନ୍ୟମାନେ। ଇଏ ହେଲେ ସୌମ୍ୟା ପରିଡ଼ା। ସେ କୁହନ୍ତି, ମୋ ପୁଅ ମୋ ଉପରେ ରାଗିଲା ମାନେ ସିଧା ମୋ ଗଛ ପାଖେ ହାଜର ହୁଏ। ଆଉ କେବେ ପତ୍ର ତ କେବେ ଫୁଲ ଛିଣ୍ଡେଇଦିଏ। ମତେ ଆୟତ୍ତକୁ ଆଣିବାକୁ ହେଲେ ଏଇଟି ଏକମାତ୍ର ଓ ଉପଯୁକ୍ତ ଉପାୟ ବୋଲି ତାକୁ ଲାଗେ। ତେଣୁ ମୁଁ ଯଦି ତାକୁ କେମିତି ଉପାୟରେ ଏ ଗଛପତ୍ର ପ୍ରେମରେ ପକେଇପାରିଲି ତାହେଲେ ମୋ ଗଛସବୁ ଜାଣ ସୁରକ୍ଷିତ। ଏଇଆ ଭାବି ତାକୁ ମୁଁ ସମୟ ବାହାର କରି ଘରର ପଛପାଖ ଜଙ୍ଗଲକୁ ନବା ଆରମ୍ଭ କଲି। ପରେ ପରେ ସେଠାରେ ଥିବା ଗଛରେ ପାଣି ଦବାକୁ ଆମେ ବିଭିନ୍ନ ବୋତଲରେ ପାଣି ନବା ଆରମ୍ଭ କଲୁ। ଧୀରେ ଧୀରେ ସେଠି ଆଗରୁ ଥିବା ଗଛରେ ପାଣି ଦବା, ପରେ ପୁଣି ନୂଆ ଗଛ ଲଗାଇ ତାର ଯତ୍ନ ନେବାର ପର୍ଯ୍ୟାୟ ଆରମ୍ଭ ହେଲା। ପୁଣି ମଉକା ମିଳିଲେ ଜଙ୍ଗଲରୁ ବିଭିନ୍ନ ପ୍ରକାର ମଞ୍ଜି ଗୋଟେଇବା କାମ ବି ହେଲା। ଆଉ ଅଳ୍ପଦିନ ଭିତରେ ମୋ ପୁଅ ବି ମୋ ପରି ଗଛ ପ୍ରେମରେ ପଡ଼ିଗଲା। ଆଉ ତା'ପରେ ମହାରାଷ୍ଟ୍ରର ଠାଣେରେ ଥିବା ପାଟ୍‌ଲିପଡ଼ା ହିଲ୍‌ର କିଛି ଖାଲି ଜାଗା ଆମ ଚେଷ୍ଟାରେ ଗଛରେ ଭରିଗଲା। ପ୍ରଥମେ ମୁଁ ଏକା, ପରେ ମୋ ସାଙ୍ଗେ ମୋ ପୁଅ, ପରେ ମୋ ବୋଉ ଆଉ କିଛି ମାସ ଭିତରେ ଆମକୁ ଦେଖି ଦେଖି ଆମ ସହ ଅନେକ ଲୋକ ଯୋଡ଼ିହେଲେ। ତା'ପରେ ମିଳିତ ଭାବେ କେବେ ଗଛ ଲଗା, କେବେ ପାଣି ଦବା କେବେ ପୁଣି ସିଡ୍‌ବଲ୍ ତିଆରି ଅଭିଯାନ ଚାଲିଲା। ପାଟ୍‌ଲିପଡ଼ା ହିଲ୍‌ର ସେଇ ଗଛସବୁଙ୍କ ପାଇଁ ମତେ ଲୋକଙ୍କର ଢେର୍ ଭଲପାଇବା ଆଉ ସମ୍ମାନ ମିଳିଲା, ଗୋଟେ ନୂଆ ପରିଚୟ ମିଳିଲା।

ସତ କହିଲେ ଗଛ ଲଗେଇବାଟା ବଡ଼ କଥା ନୁହେଁ ବରଂ ସେସବୁକୁ ବଞ୍ଚାଇବା ହିଁ ମୁଖ୍ୟ। ତେଣୁ ମୁଁ ଅଧିକାଂଶ ସମୟରେ ନର୍ସରୀରୁ ଚାରି–ପାଞ୍ଚ ଫୁଟର କରଞ୍ଜ, ଆମ୍ବ, ପଣସ, ବର, ଅଶ୍ୱତ୍ଥ ଏମିତି ସବୁ ଗଛ ଆଣି ଲଗାଏ। ବଡ଼ ଗଛ ଲଗାଇଲେ ଗୋରୁଗାଇ ସହ ବର୍ଷା ପବନରୁ ବି ରକ୍ଷା କରିବା ସହଜ ହୁଏ। ଆଉ ଗୋଟିଏ ବର୍ଷା ଋତୁପରେ ଗଛ ବି ବେଶ୍ ବଡ଼ ହୋଇଯାଏ। ଫଳରେ ସବୁ ଗଛ ସହଜରେ ବଞ୍ଚିଯାଏ। ଦୂର ଜାଗା କି ପାଣିର ଅଭାବ ଥିବା ଜାଗାରେ ବି ଖରାଦିନେ ସହଜରେ ଗଛ ବଞ୍ଚାଯାଇପାରେ। ଗୋଟେ ଲିଟର ବା ଅଧଲିଟର ପାଣି ଧରୁଥିବା ପ୍ଲାଷ୍ଟିକ୍ ବୋତଲ ନିଅନ୍ତୁ। ତା' ତଳ ଭାଗରେ ସେଫ୍ଟିପିନ୍ କି ଛୁଞ୍ଚିରେ ଛୋଟ ଛୋଟ ଚାରି ପାଞ୍ଚଟି କଣା କରନ୍ତୁ। ତା'ପରେ ଠିକ୍ ଗଛମୂଳର ଚାଖଣ୍ଡେ ଛାଡ଼ି ପୋତିଦିଅନ୍ତୁ। ବୋତଲ୍‌ଟି ଯେମିତି ପୂରାପୂରି ମାଟି ଭିତରେ ରହିବ ଓ ବୋତଲର ମୁହଁ ଉପରେ ରହିବ। ଖରା ଦିନେ ବି ଦୈନିକ ନୁହେଁ ବରଂ ସପ୍ତାହକୁ ଦୁଇ ତିନିଥର ସେଇ ବୋତଲ୍ ଭିତରେ ପାଣିଦେଲେ ବି ଗଛଟି ସୁରୁଖୁରୁରେ ବଞ୍ଚିଯିବ। ଠିକ୍ ଏଇ ଉପାୟରେ ମୁଁ ସବୁ ଗଛକୁ ବଞ୍ଚାଇବାକୁ ଚେଷ୍ଟାକରେ। କମ୍ ପାଣି ବି ଖର୍ଚ୍ଚ ହୁଏ ଆଉ ଗଛ ବି ସହଜରେ ବଞ୍ଚାଯାଇ ପାରେ ।

ପ୍ରକୃତରେ ପିଲାଦିନୁ ମତେ ଗଛପତ୍ର, ପଶୁପକ୍ଷୀଙ୍କ ଭିତରେ ରହିବାକୁ ଭଲଲାଗେ। ବୋଉକୁ ଦେଖି ଦେଖି ଗଛ ଲଗେଇବା ଶିଖିଛି। ପିଲାଦିନୁ ମୋ ଗଛ ଲଗେଇବାଟା ଆମ ବାଡ଼ିବଗିଚା ଭିତରେ ସୀମିତ ଥିଲା। ଆଗରୁ ଗଛଟା ମୋ ବାଡ଼ିରେ ରହିଲା ନା ନାଇଁ ତା'ଉପରେ ମୁଁ ବେଶି ଧ୍ୟାନ ଦେଉଥିଲି। ହେଲେ ଯେବେଠୁ, ଏବେ ଗଛ ଲଗେଇବାଟା କେତେ ଜରୁରୀ ବୋଲି ବୁଝିପାରିଛି ସେବେଠୁ ମୁଁ ମୋ ବାଡ଼ିବଗିଚା, ବାଲ୍‌କୋନୀ ଭିତରୁ ବାହାରକୁ ବାହାରିଛି। ଗତ କିଛିବର୍ଷ ହେବ ମୋ ବାଡ଼ିବଗିଚା, ମୋ ବାଲ୍‌କୋନୀ ଏସବୁରୁ ବାହାରକୁ ବାହାରି ବିଭିନ୍ନ ମନ୍ଦିର, ସ୍କୁଲ୍ କଲେଜର ଖାଲି ଜାଗା, ରାସ୍ତା କଡ଼, ଘର ପାଖାପାଖି ଜଙ୍ଗଲ କି ଜଳାଶୟର ଖାଲି ଜାଗା ଦେଖିଲେ ମୁଁ ଗଛ ଲଗେଇବା ଆରମ୍ଭ କରିଛି।





ସୌମ୍ୟା ପରିଡ଼ା





ସବୁଦିନ ଘରୁ ବାହାରୁଥିବା ଫଳମୂଳ, ପନିପରିବା ମଞ୍ଜିକୁ ମୁଁ ପୋତେ ନାହିଁ। ମଞ୍ଜିକୁ ଶୁଖାଏ । ଖତ–ମାଟି ମିଶାଇ ମଣ୍ଡା ପିଠା ପରି ଗୋଲ୍‌ଗୋଲ୍ କରି ତା ଭିତରେ ଶୁଖିଲା ମଞ୍ଜି ପୂରାଏ। ପରେ ସେସବୁ ଶୁଖିଗଲା ପରେ ସେହି ସିଡ୍ ବଲ୍‌କୁ ଜଙ୍ଗଲ, ପାହାଡ଼ ଓ ଜଳାଶୟ ପାଖରେ ପୋତେ। ସାଙ୍ଗସାଥୀଙ୍କୁ ବି ବାଣ୍ଟେ। ସେମାନେ ବାହାରକୁ ଗଲାବେଳେ ଏହି ସିଡ୍ ବଲ୍‌କୁ ବି ବ୍ୟବହାର କରନ୍ତି। ଯେଉଁ ଜାଗାକୁ ଆପଣ ନିଜେ ଯାଇ ଗଛଲଗାଇବା ସମ୍ଭବପର ନୁହେଁ ସେସବୁ ଜାଗା ପାଇଁ ଏହି ସିଡ୍‌ବଲ୍ ବେଶ୍ ସହାୟକ ହୁଏ। ଦୂରରେ ରହି ସିଡ୍ ବଲ୍‌କୁ ବର୍ଷାଦିନ ପୂର୍ବରୁ ଫୋପାଡି ଦେଲେ ସେସବୁ ଆଗକୁ ଗଛରେ ପରିଣତ ହୁଏ। ମଞ୍ଜି ଉପରେ ମାଟିର ଆବରଣ ଥିବାରୁ ମଞ୍ଜିକୁ ପୋକଜୋକ ଖାଇ ନଷ୍ଟ କରିବାର ଭୟ ବି ନଥାଏ । ମଉକା ମିଳିଲେ ସ୍କୁଲ୍‌ପିଲାମାନଙ୍କୁ ମୁଁ ସିଡ୍ ବଲ୍ ବାବଦରେ ସଚେତନ କରାଏ। କୁନି କୁନି ପିଲା, ଗୃହିଣୀ, କଲେଜ୍ ପିଲାଙ୍କୁ ଏଇ ଅଭିଯାନ ସାଙ୍ଗେ ଯୋଡ଼ିବାକୁ ଚେଷ୍ଟା କରେ। ସ୍କୁଲ୍ ପିଲାଙ୍କୁ ପରିବେଶ ପ୍ରତି ସଚେତନ କରେଇବାକୁ ପ୍ରତିବର୍ଷ ପାଖାପାଖି ପାଞ୍ଚ ଶହ ଗଛ ସେମାନଙ୍କୁ ଉପହାର ବାବଦକୁ ଦିଏ।

ମୋ ଘର, ମୋ ଗାଡ଼ି, ମୋ ଜୋତା, ମୋ ଛତା ଏସବୁ ପାଇଁ ଆମେ ବେଶ୍ ତତ୍ପର। ହେଲେ 'ମୋ ଗଛ' କଥା ଭାବିବାକୁ ଯେମିତି ଆମ ପାଖେ ସମୟ ନାହିଁ। ଆଉ ସତରେ ଆଶ୍ଚର୍ଯ୍ୟ ଲାଗେ ଯେତେବେଳେ ଗଛ ଲଗାଇବା କଥା କହିଲେ ବେଶ୍ ପାଠୁଆ ଲୋକେ ବି ନିଜ କଥା ଭୁଲି ସରକାର କ'ଣ କଲେ ନକଲେ ତା'ଉପରେ ବେଶି ଧ୍ୟାନ ଦିଅନ୍ତି। ହେଲେ ନିଜକୁ କ'ଣ କରିବାର ଥିଲା କି ଆଜିକା ସମୟରେ ନିଜକୁ କ'ଣ କରିବାର ଅଛି ତାକୁ ଜାଣି ଜାଣି ଅଣଦେଖା କରନ୍ତି। ମଣିଷର ଅତ୍ୟଧିକ ଲୋଭ ଓ ଖାମଖିଆଲି ମନୋଭାବ ଯୋଗୁ ଦିନକୁ ଦିନ ଗଛପତ୍ର, ଜଙ୍ଗଲ ନଷ୍ଟ ହେବାରେ ଲାଗିଛି। ତା'ସହ ପୁଣି ନଦୀ, ଝରଣା, ପୋଖରୀ ଓ ବିଭିନ୍ନ ଜଳାଶୟ ବି ଶୁଖିବାରେ ଲାଗିଛି। ପଶୁପକ୍ଷୀ ଏବେ ଅସହାୟ ପ୍ରାୟ। ଏସବୁ ଭିତରେ ପୁଣି ପ୍ରଦୂଷିତ ପରିବେଶ ପାଇଁ କରୋନା ପରି ବିଭିନ୍ନ ନୂଆ ନୂଆ ରୋଗ ଜୀବ ସମାଜ ପାଇଁ ହାହାକାର ଆଣିଦେଉଛି। ତଥାପି ଆମେ ନୀରବଦ୍ରଷ୍ଟା ସାଜିଛେ। କାରଣ ଏବେଯାଏ ଆମକୁ ଗଛଲତା, ପାଣି, ପବନ ମାଗଣାରେ ମିଳୁଛି। ହେଲେ ଏବେ ବି ଅନେକ ଲୋକ , ଅନେକ ପିଲା ଅଛନ୍ତି ଯେଉଁମାନେ ଏଥିନେଇ ବେଶ୍ ସଚେତନ ଭାବେ ନିଜ ଚେଷ୍ଟା ଜାରିରଖିଛନ୍ତି।

**–ରୋଜାଲିନ୍ ମହାନ୍ତି**







# ଚେହେରା ଅନୁସାରେ ଇୟର୍ ରିଂ







**ମହିଳାମାନଙ୍କୁ ଆକର୍ଷଣୀୟ ଲୁକ୍ ଦେବାରେ ଇୟର୍ ରିଂର ମଧ୍ୟ ବିଶେଷ ଭୂମିକା ରହିଥାଏ। ତେବେ ସବୁ ମହିଳାଙ୍କୁ ଯେ ସବୁ ପ୍ରକାରର ଇୟର୍ ରିଂ ମାନିବ ତାହା ବି ଭାବିବା ଠିକ୍ ନୁହେଁ। କାରଣ ପ୍ରତ୍ୟେକ ମହିଳାଙ୍କର ମୁହଁର ଗଢ଼ଣ ଭିନ୍ନ ଭିନ୍ନ ହୋଇଥାଏ। ତେବେ କେଉଁ ଗଢ଼ଣର ଚେହେରାକୁ କେଉଁ ଇୟର୍ ରିଂ ପିନ୍ଧିଲେ ଭଲ ମାନିଥାଏ ଆସନ୍ତୁ ଜାଣିବା ସେ ସମ୍ପର୍କରେ...**









**ରାଉଣ୍ଡ ବା ଗୋଲ ଚେହେରା:** ଯେଉଁ ମହିଳାମାନଙ୍କର ମୁହଁ ଗୋଲ୍ ବା ରାଉଣ୍ଡ ଶେପ୍‌ର ହୋଇଥାଏ, ସେମାନଙ୍କୁ ଲମ୍ବା ଡିଜାଇନ୍ ବାଲା ଇୟର ରିଂ ବେଶ୍ ଭଲ ମାନିଥାଏ। ବିଶେଷକରି ହ୍ୟାଙ୍ଗିଂ ଇୟର୍ ରିଂ ତଥା ମୋତି, କ୍ରିଷ୍ଟାଲ୍ ଅବା ଜେମ୍ସ ଷ୍ଟୋନ୍‌ର କାମ ହୋଇଥିବା ଡାଙ୍ଗଲର୍ ଇୟର ରିଂ ବି ଗୋଲ ଚେହେରାକୁ ସୁନ୍ଦର ଦେଖାଯାଇଥାଏ। କିନ୍ତୁ ରାଉଣ୍ଡ ଶେପ୍‌ର ଇୟର ରିଂ ଏହି ଚେହେରା ପାଇଁ ଆଦୌ ପରଫେକ୍ଟ ନୁହେଁ, କାରଣ ଏହା ଚେହେରାକୁ ଆହୁରି ଗୋଲାକାର ଲୁକ୍ ଦେଇଥାଏ।

**ସ୍କୋୟାର୍ ବା ବର୍ଗାକାର ଚେହେରା:** ବର୍ଗାକାର ଆକୃତି ଚେହେରା ଯେଉଁମାନଙ୍କର ସେମାନଙ୍କର ଥୋମଣି ପାଖ ଅଂଶ ସାମାନ୍ୟ ଚଉଡ଼ା ଦେଖାଯାଇଥାଏ। ତେଣୁ ଏପରି ଚେହେରା ଥିବା ମହିଳାମାନଙ୍କୁ ଟିୟର୍ ଡ୍ରପ୍ ତଥା ମିଡିୟମ୍ ସାଇଜ୍‌ର ଜେମ୍ସ ଷ୍ଟୋନ ଦ୍ୱାରା ସଜ୍ଜିତ ରୁପା ଅଥବା ସୁନାର ଇୟର ରିଂ ବି ବେଶ୍ ଭଲ ମାନିଥାଏ। ଏପରିକି ସେମାନେ ଚାହିଁଲେ ଡାଙ୍ଗଲର୍ ଇୟର୍ ରିଂ ବି ଟ୍ରାଏ କରିପାରିବେ। ହେଲେ ଏହାକୁ କିଣିବା ପୂର୍ବରୁ ଇୟର୍ ରିଂର ଶେପ୍ ଉପରେ ବିଶେଷ ଧ୍ୟାନ ଦେବେ। ମୁଖ୍ୟତଃ ଫ୍ଲାୱାର୍, ସରକ୍ୟୁଲାର୍ ଏବଂ ହାର୍ଟ ଶେପ୍‌ର ଇୟର୍ ରିଂ ବର୍ଗାକାର ଚେହେରାକୁ ସୁନ୍ଦର ଦେଖାଯାଇଥାଏ। ଅନ୍ୟପକ୍ଷେ ଗୋଲ ତଥା ଚୋକର ଆକୃତିର ବଡ଼ ଇୟର ରିଂ ବର୍ଗାକାର ଚେହେରାକୁ ଆହୁରି ଚଉଡ଼ା ଲୁକ୍ ଦେଇଥାଏ। ତେଣୁ ଏହାକୁ ଟ୍ରାଏ ନ କରିବା ଭଲ।

**ଓଭାଲ୍ ବା ଅଣ୍ଡାକୃତି ଚେହେରା:** ଏହି ଚେହେରା ଥିବା ମହିଳାମାନଙ୍କୁ ସବୁ ପ୍ରକାରର ଇୟର୍ ରିଂ ବେଶ୍ ଭଲ ମାନିଥାଏ। ଅନ୍ୟ ଫେସ୍‌କଟ୍‌ର ମହିଳାମାନଙ୍କୁ ଯେଉଁଠି ସେମାନଙ୍କ ଫେସ୍ ଆକାରର ଇୟର୍ ରିଂ ପିନ୍ଧିବାକୁ ମନା କରାଯାଇଥାଏ, ସେଠି ଅଣ୍ଡାକୃତି ଚେହେରା ଥିବା ମହିଳାଙ୍କୁ କିନ୍ତୁ ଓଭାଲ୍ ଶେପ୍‌ର ଇୟର୍ ରିଂ ପିନ୍ଧିବାକୁ କୁହାଯାଇଥାଏ। କାରଣ ଏହି ଶେପ୍‌ର ଇୟର୍ ରିଂ ମହିଳାଙ୍କୁ ଏଲିଗାଣ୍ଟ ଲୁକ୍ ଦେଇଥାଏ। ଟିୟର୍ ଡ୍ରପ୍ ଇୟର୍ ରିଂ ବି ଅଣ୍ଡାକୃତି ଚେହେରା ଥିବା ମହିଳାଙ୍କ ପାଇଁ ଅନ୍ୟ ଏକ ଭଲ ବିକଳ୍ପ ହୋଇଥାଏ।

**ଡାଇମଣ୍ଡ ଓ ହାର୍ଟ ଶେପ୍‌ର ଚେହେରା:** ଏହି ଧରଣର ଫେସ୍‌କଟ୍ ଥିବା ମହିଳାମାନଙ୍କର ଥୋମଣି ଅଂଶଟି ପତଳା ଓ ଗାଲ ଶାର୍ପ ଦେଖାଯାଇଥାଏ। ତେଣୁ ଏଭଳି ଚେହେରା ଥିବା ମହିଳାମାନେ ତଳ ଆଡକୁ ଚଉଡ଼ା ଡିଜାଇନ୍ ହୋଇଥିବା ଇୟର୍ ରିଂକୁ ଚୁଜ୍ କରିବା ଦରକାର। ଖାସ୍‌କରି ଡାଙ୍ଗଲର୍, ଟିୟର୍ ଡ୍ରପ୍ ଅଥବା ଝୁମ୍‌କା ଡିଜାଇନ୍‌ର ଇୟର୍ ରିଂ ଏଥିପାଇଁ ବେଷ୍ଟ ଅପ୍ସନ ହୋଇଥାଏ। କାରଣ ଏଗୁଡ଼ିକ ଫେସ୍‌କୁ ବାଲାନ୍ସ ଲୁକ୍ ଦେଇଥାଏ। ଅନ୍ୟପକ୍ଷେ ରାଉଣ୍ଡ ଡିଜାଇନ୍ ଅଥବା ଚୋକର୍ କିମ୍ବା ଷ୍ଟଡ୍ ଷ୍ଟାଇଲ୍‌ର ଇୟର୍ ରିଂ ହାର୍ଟ ଶେପ୍‌ର ଚେହେରାକୁ ସେତେ ଭଲ ମାନି ନଥାଏ।

**ଟ୍ରାଏଙ୍ଗେଲ୍ ବା ତ୍ରିକୋଣ ଆକୃତିର ଚେହେରା:** ଏଭଳି ଚେହେରା ଥିବା ମହିଳାମାନେ ଚେନ୍ ହ୍ୟାଙ୍ଗିଙ୍ଗ୍ ବାଲା ଅଥବା ତଳ ଆଡକୁ ଚଉଡ଼ା ଡିଜାଇନ୍ ହୋଇଥିବା ବାଲା ଇୟର୍ ରିଂ ପିନ୍ଧିଲେ ଲୁକ୍ ଆକର୍ଷଣୀୟ ଲାଗିଥାଏ। ଏପରିକି ଝୁମ୍‌କା ଷ୍ଟାଇଲ୍ ବା ଟିୟର୍ ଡ୍ରପ୍ ଷ୍ଟାଇଲ୍‌ର ଇୟର ରିଂ ବି ଏହି ଚେହେରାକୁ ବେଶ୍ ଭଲ ମାନିଥାଏ। ବିଶେଷକରି ଡାଇମଣ୍ଡ ଶେପ୍‌ର ଝୁମ୍‌କା ଟ୍ରାଏଙ୍ଗେଲ୍ ଫେସ୍‌କୁ କଣ୍ଟ୍ରାଷ୍ଟ ଲୁକ୍ ଦେଇଥାଏ। ଅନ୍ୟପକ୍ଷେ ଜ୍ୟୋମେଟ୍ରିକାଲ୍ ଶେପ୍ ଅଥବା ଷ୍ଟଡ୍ ଡିଜାଇନ୍‌ର ଇୟର୍ ରିଂ ଏହି ଚେହେରା ଥିବା ମହିଳାମାନଙ୍କୁ ସେତେ ଭଲ ମାନେନାହିଁ।

**ଲମ୍ବା ତଥା ପତଳା ଚେହେରା:** ଯେଉଁମାନଙ୍କର ଚେହେରା ଟିକେ ଲମ୍ବା ଆଉ ପତଳା ଦେଖାଯାଇଥାଏ, ସେମାନେ ଚାହିଁଲେ ମିଡିୟମ୍ ସାଇଜ୍‌ର ହ୍ୟାଙ୍ଗିଙ୍ଗ୍ ଇୟର୍ ରିଂ ଟ୍ରାଏ କରିପାରିବେ। ଏହା ଚେହେରାକୁ ୱାଇଡ୍ ଲୁକ୍ ଦେଇଥାଏ। ସେହିପରି ଗ୍ଲାମର୍ ଲୁକ୍ ପାଇଁ ଏହି ଚେହେରା ଥିବା ମହିଳାମାନେ କ୍ୟୁବିକ୍ ଶେପ୍‌ର କ୍ରିଷ୍ଟାଲ୍ ଷ୍ଟଡ୍ ବି ଚୁଜ୍ କରିପାରିବେ।





# ଅମରପ୍ରେମରୁ କାବେରୀ

ଆଲୋ ସୁନ୍ଦରୀ ତୋର କଥାରେ, ମୁଁ ନାଚିବି ଭାଲୁ ସାଥିରେ...। ପୁଣି- ଆସିବ ବର ତୋର ହୋଇବ ବାହାଘର ତା'ପରେ....ଏମିତି ଏକାଧିକ ଚଳଚ୍ଚିତ୍ର ସଂଗୀତର ଲେଖକ ସେ। ପ୍ରାୟ ୫ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟଧରି ସାହିତ୍ୟ, ସଂଗୀତ, ନାଟକ ଓ ଚଳଚ୍ଚିତ୍ର ଆଦି କ୍ଷେତ୍ରରେ ତାଙ୍କର ରହିଛି ସ୍ୱତନ୍ତ୍ର ପରିଚୟ । ଲୋକକଳା, ଲୋକନୃତ୍ୟ କି ମଞ୍ଚ କିମ୍ବା ବେତାର ଅଥବା ଅପେରା ନାଟକ ଆଦିରେ ତାଙ୍କର ନିର୍ଦ୍ଦେଶନା ନିଆରା। ତେବେ ସେ ଆକାଶବାଣୀର ଜଣେ ସ୍ୱୀକୃତିପ୍ରାପ୍ତ ଗୀତିକବି ଓ ନାଟ୍ୟଶିଳ୍ପୀ। ତାଙ୍କର ବହୁମୁଖୀ ପ୍ରତିଭାପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସଂଗୀତ ନାଟକ ଏକାଡେମୀ ସମେତ ବହୁ ଅନୁଷ୍ଠାନରୁ ପୁରସ୍କାର ଓ ସମ୍ମାନ ମିଳିଛି । ସେ ହେଲେ ଗୀତିକାର-ଗୌର ପଟ୍ଟନାୟକ। ଜନ୍ମ ୧।୪।୧୯୪୪ ମସିହାରେ। ପିତା -ଦିବାକର ମଜୁମଦାର ପଟ୍ଟନାୟକ। ମା' ସୂର୍ଯ୍ୟମଣି ପଟ୍ଟନାୟକ। ଘର ଗଞ୍ଜାମ ଜିଲାର ଶେରଗଡ଼ରେ। କିନ୍ତୁ ସେ ରୁହନ୍ତି କଟକ ସିଡିଏ ଅଞ୍ଚଳର ସେକ୍ଟର-୬ ରେ। ସେ କୁହନ୍ତି, ବାପା, ମା'ଙ୍କର ୮ପୁଅ ଓ ୫ଝିଅଙ୍କ ମଧ୍ୟରେ ମୋର ସ୍ଥାନ ୫ମରେ। ପିଲାଦିନେ ଗାଁ ସ୍କୁଲରେ ପାଠପଢ଼ା ଆରମ୍ଭ ହୋଇଥିଲା। ସେତେବେଳେ ଡ୍ରାମାରେ ଅଭିନୟ କରୁଥିଲି। ତା'ପରେ ମହାତ୍ମା ଗାନ୍ଧୀ ସ୍କୁଲ, ପରେ ବ୍ରହ୍ମପୁର କୁଇଲ୍ ମିଶନାରୀ ସ୍କୁଲରେ ୧୦ମ ପାସକରି ବ୍ରହ୍ମପୁରରେ ଉଚ୍ଚ ଶିକ୍ଷା କରିଥିଲି। କିନ୍ତୁ ୧୯୬୪ରେ କଟକ ଆସି ଆକାଶବାଣୀରେ କଳାକାରଭାବେ ଯୋଗଦେଇଥିଲି। ତା'ପରେ ଆକାଶବାଣୀ କଟକକେନ୍ଦ୍ରର ଲାଇବ୍ରାରିଆନ ଭାବେ ଚାକିରି କଲି। ଏହି ସମୟରେ ଆକାଶବାଣୀର ଗ୍ରାମ୍‌ଫୋନ ରେକର୍ଡିଂ ଏବଂ ପରିବେଷଣ କାର୍ଯ୍ୟକୁ ତୁଲାଇଥିଲି। ସେତେବେଳେ ଆକାଶବାଣୀ କଟକ କେନ୍ଦ୍ରରେ ବହୁବିଶିଷ୍ଟ ବ୍ୟକ୍ତିଙ୍କ ସାକ୍ଷାତ୍‌କାରକୁ ଉପସ୍ଥାପନା କରିଛି। ବିଶେଷକରି ପୂଜ୍ୟ ଡ. ହରେକୃଷ୍ଣ ମହତାବ, ଗୋପୀନାଥ ମହାନ୍ତି, ନିତ୍ୟାନନ୍ଦ କାନୁନ୍‌ଗୋ ପ୍ରମୁଖଙ୍କ ସହିତ ସାକ୍ଷାତ୍‌କାର ନେବାରେ ନିଆରା ଅନୁଭୂତି ରହିଛି। ଏମିତିରେ ସେତେବେଳେ ମୋର ବିଭିନ୍ନ କବିତା ଓ ଗପ ଲେଖାଲେଖି ପ୍ରତି ଆଗ୍ରହ ବଢ଼ିଯାଇଥାଏ। କବିତା, ମଞ୍ଚନାଟକ ଏବଂ ବେତାର ନାଟକ ଲେଖୁଥିଲି। କବିଚନ୍ଦ୍ର କାଳୀ ଚରଣ ପଟ୍ଟନାୟକ ଓ କବି କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ସାହିତ୍ୟରୁ ଅଧିକ ପ୍ରେରଣା ମିଳିଛି। ଓଡ଼ିଆ ଚଳଚ୍ଚିତ୍ର ପାଇଁ ଗୀତ ରଚନା କରିଥିଲି ; ଯାହା କି ସେତେବେଳେ ଅମରପ୍ରେମ ଚଳଚ୍ଚିତ୍ରରେ (ନା..ମାରନା), ମଥୁରା ବିଜୟ(କେତେ ବଜାଅ ବଇଁଶୀରେ), ତ୍ରିନାଥ ମେଳା(ଆଲୋ ସୁନ୍ଦରୀ ତୋର କଥାରେ ମୁଁ ନାଚିବି ଭାଲୁସାଥିରେ),ଅଲିଭା ଦାଗ(ଆ କି, ବଢ଼ିଆ ଯୋଡ଼ି ତୋରମୋର), ଅପରିଚିତା(ଆଜି ମହୁରୀ ବାଜେ), ହୀରା ମୋତି ମାଣିକ(ଜୀବନ ଏକ ନାଟକ), ସୁବର୍ଣ୍ଣସୀତା(ଇଟିକିଲି..ମିଟିକିଲି),କାବେରୀ(ଆସିବ ବର ତୋର ହୋଇବ ବାହାଘର....)ଇତ୍ୟାଦି ଗୀତ ଲୋକପ୍ରିୟ ହୋଇ ପାରିଥିବାରୁ ମତେ ଏକ ପରିଚୟ ମିଳିଛି। ପୁଣି-(ଶନିବାର ଦିନ ଭାଉଜଙ୍କ ମନ ହେଲା ଖାଲି ଛନଛନ।) ଗ୍ରାମଫୋନ ରେକର୍ଡିଂ ବାଜିଥିବାରୁ ଖୁବ୍ ଲୋକପ୍ରିୟ ହୋଇଥିଲା। ଗୀତଟିଏ ଲେଖିବା ପୂର୍ବରୁ ପ୍ରଥମେ ଭାବକୁ ଅନୁଭବ କରେ। ତା'ପରେ ଗୀତଟି କାହାପାଇଁ ଲେଖୁଛି ଭଲଭାବେ ବୁଝେ, ଏହା ସହରି କି ମଫସଲି, ସେଥିପାଇଁ ସେହିପରି ଚାଲିଚଳଣର ଭାଷା ଓ ଶବ୍ଦକୁ ବ୍ୟବହାର କରିଥାଏ। ପଣ୍ଡିତ କୁଣ୍ଡଳା ଆଦିତ୍ୟନାରାୟଣ ଏବଂ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡାଙ୍କଠାରୁ ଗୀତ ଶିକ୍ଷା କରୁଥିଲି। ମାତ୍ର ଅନେକ ଗୀତ ଲେଖିଛି, କେତେକ ଗୀତକୁ ଗାଇଛି ହେଲେ ସେଭଳି ଗାୟକଟିଏ ହୋଇପାରିଲି ନାହିଁ। କିନ୍ତୁ ପିଲାଙ୍କ ପାଇଁ ଲେଖିଲାବେଳେ ସରଳଭାଷା, ଶିକ୍ଷଣୀୟ ଓ ପ୍ରେରଣାପ୍ରଦ ଘଟଣା ପ୍ରତି ନଜର ଦେଇଥାଏ। ସେଥିପାଇଁ ଶିଶୁମାନଙ୍କ ଲାଗି ପ୍ରାୟ ୭ଖଣ୍ଡ ପୁସ୍ତକ ରଚନା କରିସାରିଛି। ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଯଥା-ଭଜନ 'ଶୂନ୍ୟବ୍ରହ୍ମ', 'ଆମେ ଗୋଟିଏ ଫୁଲର ପାଖୁଡ଼ା', 'ଏବଂ', 'ମହାଯାତ୍ରା', 'ଯେମିତିକାମକୁ ସେମିତିଫଳ', 'ବିଚିତ୍ର ଜୀବଜନ୍ତୁ', 'ସୁଖର ଚାବିକାଠି', 'ପଢିଲେ ଜାଣିବେ','ଠିକଣା ନ ଥିବା ଚିଠି', 'ଉତ୍କଳୀୟ କଳା','ଜୀବନର ସ୍ମୃତିଲିପି', 'ମୋହଭଙ୍ଗ','ଓଡ଼ିଶୀ ସଂଗୀତ ପରମ୍ପରା', 'ଜୀବନଗୀତି','ଛବିଟିଏକୁ ଗୀତଟିଏ','ମାଟି ମା', 'ଦାରୁଦିଅଁ' ସେହିପରି ଲୋକକଳା, ଲୋକସଂଗୀତ, ଲୋକନୃତ୍ୟ ,ଲୋକବାଦ୍ୟ, ଭାସ୍କର୍ଯ୍ୟ, ଚିତ୍ରକଳା ଏବଂ ଓଡ଼ିଶୀ ନୃତ୍ୟ ସଂଗୀତ ସମ୍ପର୍କରେ ଏକ ଗବେଷଣାତ୍ମକ ପୁସ୍ତକ ପ୍ରକାଶିତ କରିଛି। ୧୯୭୦ରୁ ବେତାର ନାଟକର ନିର୍ଦ୍ଦେଶନା ଦେଇଛି। ଏମିତିରେ ଏକାଧିକ ଉପନ୍ୟାସକୁ ବେତାର ନାଟକରୂପେ ନିର୍ଦ୍ଦେଶନା ଦେଇଛି। ଏଯାଏ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ନାଟକରେ ନିର୍ଦ୍ଦେଶନା ଦେଇସାରିଛି। ଜୀବନରେ ଘଟିଥିବା ବିଭିନ୍ନ ଘଟଣାର କୁହା ଅକୁହା କଥା ହିଁ ନାଟକ । ତେବେ ନାଟକର ଶେଷଭାଗକୁ ଯଦି ନାଟକୀୟ ରସଥିବ ତେବେ ତାହା ଲୋକପ୍ରିୟତା ହୋଇପାରେ ଅର୍ଥାତ୍ ଦର୍ଶକ ଚାହୁଁଥିବେ ଏକ ପ୍ରକାର କିନ୍ତୁ ନାଟକରେ ଘଟିବ ଭିନ୍ନ କିଛି। ସଂଗୀତ କାର୍ଯ୍ୟକ୍ରମ ପାଇଁ ଆକାଶବାଣୀ ତରଫରୁ ଜାତୀୟ ସ୍ତରରେ ୪ଥର ପୁରସ୍କୃତ ହୋଇଛି। ଓଡ଼ିଶା ସାହିତ୍ୟ ଏକାଡେମୀରୁ- 'ଠିକଣା ନ ଥିବା ଚିଠି'-୨୦୦୨ ଏବଂ କଳାକ୍ଷେତ୍ରରେ ସାମଗ୍ରିକ କୃତି ପାଇଁ ଓଡ଼ିଶା ସଗୀତ ନାଟକ ଏକାଡେମୀରୁ- ୨୦୦୧ରେ ସମ୍ମାନିତ ହୋଇଛି। ନୀଳଶୈଳ, ପ୍ରଜାତନ୍ତ୍ର ପ୍ରଚାର ସମିତି, ଚଲାପଥ, ଗଞ୍ଜାମ କଳା ପରିଷଦ, ଋଷିକୁଲ୍ୟା ପରିଷଦ, ଉତ୍କଳ ସାହିତ୍ୟ ସମାଜ, ଓଡ଼ିଆ ଗୀତିକବି ସମାଜ, ଆକାଶବାଣୀ କଟକ, ନିଖିଳ ଉତ୍କଳ ସଂଗୀତ ଶିଳ୍ପୀ ପରିଷଦ, ଉତ୍କଳ ପାଠକ ସଂସଦ, ସିନେମା ସଂସାର ଆଦି ଅନେକ ଅନୁଷ୍ଠାରୁ ପୁରସ୍କାର ଓ ସମ୍ମାନ ମିଳିଛି। ୧୯୬୪ରୁ ଚାକିରି କରି ୨୦୦୪ରେ ଅବସର ନେଇଛି। ମୋର ୨ଝିଅ ଓ ଗୋଟିଏ ପୁଅ । ଏବେ ଘରେ ମୋ ପତ୍ନୀ ସିପ୍ରାଙ୍କ ସହିତ ରହୁଛି। ଲେଖାଲେଖି ଅଭ୍ୟାସ ରହିଥିବାରୁ ନାଟକ ଲେଖିବା ଜାରି ରଖିଛି। ନାଟକ, ଗୀତ ଓ ଗପ ଲେଖିବାରେ କେବେ ବି ଥକି ପଡ଼ିନି।

-ବନବିହାରୀ ବେହେରା

















## କ୍ରୋଧ

କ୍ରୋଧ ତ ଏକ ଜ୍ୱାଳା
ଅନ୍ତର୍ଦହନର,
ଏକ ଆଦିମ ନିଆଁ
ବୀଭତ୍ସ ପୃଥିବୀର।
ଯେଉଁଠି ଜଳେ
ବିବେକୀ ପଣର
ଭରଣ ଭରଣ ଦଲିଲ।
ରଚୁଥାଏ ଅସୀମ ଅମୀମାଂସିତ
ଚକ୍ରବ୍ୟୂହ ଉଜୁଡୁ ଥାଏ
ତମାମ ଜୀବନର ସବୁଜିମା।
ଅବଶେଷରେ ଅବଶିଷ୍ଟ ରୁହେ
ଅବସୋସର ମୁଠାଏ ପାଉଁଶ।
ବୈଧ ଯନ୍ତ୍ରଣାରେ
ଥୁରୁଥୁରୁ ଥରୁଥାନ୍ତି
ଥୁଣ୍ଟା ଗଛମାନେ।

–ବିଜୟଲକ୍ଷ୍ମୀ ପାଣିଗ୍ରାହୀ
ଶିକ୍ଷୟିତ୍ରୀ, କୁନ୍ଦୁରା
ଜୟପୁର , କୋରାପୁଟ
ମୋ –୮୨୪୯୪୫୦୦୫୦

## ପ୍ରତିବିମ୍ବ

ମୁଁ କେବଳ ନିଜକୁ ଦେଖିଛି
ଦର୍ପଣର ମସୃଣ ଦେହରେ।
ପ୍ରତିଫଳିତ ହୁଏ ଛବି
ଅବିକଳ ରୂପ ସମ୍ମୁଖରେ।
ଡୁପ୍ଲିକେଟ ମୋ ଦେହର
ଶହେଅଶୀ କରି ପ୍ରଦକ୍ଷିଣ
ସ୍ୱଚ୍ଛନ୍ଦରେ କାଚ ପଛରେ
ଲାଗେ ଖୁବ୍ ଆପଣାର।
ଦର୍ପଣ କହେନି ମିଛ
ଛି ରୂପ ଅନୁରୂପ
ଅନୁଭୂତି ଅତି ସୁଖଦ
ଥାଏ ଯେବେ ତୁମର ସମୀପ ।
ସ୍ୱପ୍ନରୁ ସାଉଣ୍ଟା ଚିତ୍ର
ଚିରବାଞ୍ଛିତ ତା'ର ଝଲକ
ସ୍ୱତନ୍ତ୍ରତାକୁ କରେ ପରିଚିତ
ଭିନ୍ନତା ହୁଏ ପରିପୁଷ୍ଟ।

କରେ ମୋ ମଥାକୁ ଉନ୍ନତ
ପଛଘୁଞ୍ଚା ନୁହଁଇ ଇପ୍ସିତ
ଖୋଜା ହୁଏ ମାନବତା ରୂପ
ଜୀବନ ପ୍ରେମର ଆଶ୍ରିତ।

–ଅଜୟ କୁମାର ମହାନ୍ତି
ମହାନଦୀ ବିହାର, କଟକ
ମୋ:୯୪୩୭୨୨୬୭୨୭

# ଶାଶୁଘର

–ମନୋଜ ଦାଶ

ପୁଅର ବଡ଼ ଭାଇ ସୁଧାର ମାଆାକୁ କହିଦେଇଗଲେ, ମାଉସୀ ଜଲଦି ଝିଅ ବିଦା କରିବା ବ୍ୟବସ୍ଥା କରନ୍ତୁ। ସୁଧା ପାଖରେ ବସିଗଲେ ସୁଧାର ମାଆ ସାବିତ୍ରୀ ଦେବୀ । ତା' ମୁହଁରେ ହାତ ଆଉଁସି କହିଲେ, କେତେବେଳେ ଦିନ ସରିଗଲା ମୋ ମାକୁ ମୁଁ ଟିକିଏ ଆଖି ପୂରେଇ ଦେଖି ପାରିଲିନି..... ତୋର ଏ ଘରେ ଦିନ ସରିଲା ଏଣିକି ଶାଶୁ ଘର ବୋହୂ ହେଇଗଲୁ..... ।

ସୁଧା ମୁହଁଟି ହଠାତ ଝାଉଁଳି ପଡ଼ିଲା। ତା' ଛାତି ଭିତରଟା କୋରିହୋଇ ଯାଉଥିଲା । ସେ ଧୀରେଧୀରେ ଅବୁଝା ହୋଇ ଶାଶୁଘରର ଆତଙ୍କରେ ରାହା ଧରି କାନ୍ଦିଲା।

ବାହାଘର ଠିକ୍ ହେବା ଦିନଠୁ ଯିଏ ଘରକୁ ଆସିଲେ ପଚାରିଲେ , ଆଲୋ ତୋ ଶାଶୁ କେମିତି... ଶାଶୁ ଘରେ ଲୋକମାନେ ସବୁ ଭଲ ତ, ଜୋଇଁ କ'ଣ କରୁଛନ୍ତି.... ଶାଶୁଘରେ କିଏ କିଏ ଅଛନ୍ତି.... ଶାଶୁ ଘର କେତେ ଯୌତୁକ ନେଉଛନ୍ତି ଇତ୍ୟାଦି ଇତ୍ୟାଦି....। ଅଠା ଅଠା ହୋଇଯାଏ ସୁଧାର ପାଟି ଉତ୍ତର ଦେଉ ଦେଉ ।

ଯଦିବା ଶାଶୁ ଘରେ ଶ୍ୱଶୁର, ଦେଢ଼ଶୁର, ଯା, ନଣନ୍ଦ, ଦିଅର ଆଦି ଅନେକ ଚରିତ୍ର ରହୁଛନ୍ତି ତେବେ ସେଇଟିକୁ ଶାଶୁ ଘର କାହିଁକି କୁହାଯାଉଛି ! ଆଉ ସମସ୍ତେ ଶାଶୁଙ୍କୁ ନେଇ ଏତେ ଆଗ୍ରହ ଏବଂ ଡରାଣ କାହିଁକି ଦେଖଉଛନ୍ତି !! ରାଜ୍ୟ ବାହାରେ ପଢିଥିବା ସୁଧାର ମୁଣ୍ଡକୁ ଏ ସବୁ କଥା ଅଡୁଆ ହିଁ ଲାଗୁଥାଏ । ବାହାଘର ଠିକ୍ ହେବା ଦିନଠାରୁ ତା'ର ବଡ଼ ଭଉଣୀ ଯିଏ ତା' ବାହାଘରର ମାସେ ନପୂରୁଣୁ ପରିବାରରୁ ଅଲଗା ହୋଇ ଭିଣୋଇ ସାଙ୍ଗରେ ରହୁଛି ସେ ସବୁଦିନ ଏମିତି ଚଳିବୁ ସେମିତି ଚଳିବୁ, ସ୍ୱାମୀକୁ ହାତରେ ରଖିବୁ ରୀତିମତ ବୁଝାଉଛି । ତାର ସାଙ୍ଗ ଯେଉଁମାନେ ବାହା ହୋଇଛନ୍ତି ସେମାନେ ବି ତାଙ୍କର ଶାଶୁ ଏବଂ ଶାଶୁଘରକୁ ନେଇ ଭାଷଣ ଦିଅନ୍ତି । ସମସ୍ତେ ପ୍ରାୟ ଶାଶୁ ଘରକୁ ନେଇ କେବଳ ଡରାନ୍ତି ଯେମିତି ହିଂସ୍ରଜନ୍ତୁରେ ପୂର୍ଣ୍ଣ ଗୋଟିଏ ଘଞ୍ଚ ଜଙ୍ଗଲ ଶାଶୁଘର ।

ଝିଅ ବିଦା ସମୟ ଯେତେ ପାଖେଇ ଆସୁଥାଏ.... ଶାଶୁ ଘର ଲୋକଙ୍କର ଜଣ ଜଣ କରି ତାଗିଦ ମଧ୍ୟ ଆସୁଥାଏ... । ବଢୁଥାଏ ସୁଧା ଭିତରେ ଅଜଣା ଭୟ ଆଉ କାନ୍ଦ ।

ଶାଶୁଘର ସାମ୍ନାରେ ଗାଡି ଅଟକିଲା। ସୁଧାର ଛାତିରୁ କ'ଣ ଗୋଟେ ଖସିଗଲା ଭୟରେ । ସୁଧା ଗାଡ଼ିରୁ ଡରିମରି ଓହ୍ଲେଇଲା । କିଏ ଗୋଟେ କହିଲେ, ଇଏ ତୋ ଶାଶୁ ମୁଣ୍ଡିଆ ମାର । ସୁଧା ମୁଣ୍ଡିଆ ମାରୁ ମାରୁ ତାକୁ କୋଳେଇ ନେଲେ ତା'ର ଶାଶୁ... କହିଲେ ମାଲୋ ତୁ ମୋର ଝିଅ.....ଏଇଟା ତୋ ଘର .... ଏଇଟାକୁ ଆଉ ଶାଶୁଘର ଭାବିବୁନି । ଆଖି ତରସି ଯାଉଥିଲା ତୋତେ ଦେଖିବି ବୋଲି ଟିକେ । ଏବେ ଶାନ୍ତିରେ ମରି ପାରିବି।

ବନ୍ଦାପନା ପରେ ସମସ୍ତେ ଶୋଇବାକୁ ଗଲେ । ସୁଧାକୁ ଭୋକ। ହାତରେ ପଖାଳ କଂସା.. ମାଛ ଭଜା... ବଡ଼ିଚୂରା.... ଲଙ୍କା... ଆଉ ପିଆଜ ଧରି ଉଭା ହେଲେ ଶାଶୁ । କହିଲେ, ସାରା ଦିନ ଉପାସ ରହି କିଛି ମୁହଁରେ ଦେଇ ପାରିନଥିବୁ ଜାଣେ। ଏଇ ଗରମ ଗୁଳୁଗୁଳିରେ ଭୋଜିର ଗରିଷ୍ଠ ଖାଦ୍ୟ ତୋର ହଜମ ହେବନି। ଏଇତକ ସଜାଡି ଆଣିଛି। ବେଇଗି ଖାଇ ଦେ ଧନ। ହାଲିଆ ହୋଇଛୁ ପୁଣି ଶୋଇବୁ। ସୁଧା ଭାବି ପାରୁନଥିଲା ସେ କାହାକୁ ଦେଖୁଚି ! ଆଜିରେ ଦେଖା ହୋଇଥିବା ମଣିଷଟି ତା ମାଆଠାରୁ ବଳି। ଦେବୀ ଭଳି। ଏବେ ଶାଶୁ ଘର ତାକୁ ଠାକୁର ଘର ଭଳି ଲାଗୁଥିଲା।

–ମୁଖ୍ୟ ଅଧିକାରୀ
ସେଣ୍ଟ ଜାଭିଅର କିନ୍ତ୍ର , ବାଲୀପୁଟ
ପୁରୀ, ମୋ ୯୭୭୬୩ ୦୧୦୨୦



## କାହାକୁ ଡରନ୍ତି ସନ୍ନି

ବଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ଭାବରେ ସନ୍ନି ଦେଓଲ କେତେ ପରିଚିତ ତାହା କହିବା ଅନାବଶ୍ୟକ। 'ଗଦ୍ଦର-ଏକ ପ୍ରେମ କଥା', 'ବର୍ଡର', 'ଦାମିନୀ', 'ଘାୟଲ', 'ଡର୍', 'ଘାତକ' ଆଦି ସିନେମାକୁ ଏହାର ଉଦାହରଣ ଭାବରେ ନେଇପାରନ୍ତି। ଏକ ଭିନ୍ନ ଧରଣର ବ୍ୟକ୍ତି ହେଉଛନ୍ତି ସନ୍ନି। ଅଧିକାଂଶ ସମୟ ଚୁପଚାପ ରହିବାକୁ ପସନ୍ଦ କରନ୍ତି। ହେଲେ ସେ ଜଣଙ୍କୁ ଭାରି ଭୟ କରନ୍ତି। ଏ ପର୍ଯ୍ୟନ୍ତ ତାଙ୍କ ସାମାନରେ ସେ ମୁଣ୍ଡ ଟେକି କଥା ହୋଇନାହାନ୍ତି। ସେ କିଏ ଜାଣନ୍ତି ? ତାଙ୍କର ପିତା ତଥା ବଲିଉଡ୍‌ର 'ହି-ମ୍ୟାନ୍' ଭାବରେ ପରିଚିତ ଧର୍ମେନ୍ଦ୍ର। ସନ୍ନିଙ୍କର ପ୍ରକୃତ ନାମ ହେଲା ଅଜୟ ସିଂ ଦେଓଲ। ଘରେ ତାଙ୍କୁ ସ୍ନେହରେ ସନ୍ନି ବୋଲି ଡାକନ୍ତି। ତେଣୁ ସେ ତାଙ୍କର ସ୍କ୍ରିନ୍ ନେମ୍ ସନ୍ନି ଦେଓଲ ରଖିଥିଲେ। ସନ୍ନିଙ୍କ ବଡ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା 'ବେତାବ'ରୁ। ଫିଲ୍ମଟି ସୁପରହିଟ୍ ହେବା ସହ ସେ ରାତାରାତି ନିଜକୁ ନାୟକ ଦୌଡରେ ସାମିଲ କରିବାରେ ସକ୍ଷମ ହୋଇଥିଲେ।



ଏଲିନା-ରାଜବୀର

## କେବଳ ଆକ୍ସନ

ବେଳେବେଳେ ମନ ଯାହା ଖୋଜୁଥାଏ ତାହା ହାତ ପାଆନ୍ତାରେ ମିଳିଯାଇଥାଏ। ଦେଖୁନାହାନ୍ତି, ଓଲିଉଡ୍‌ରେ ଏଣ୍ଟ୍ରି କରିବା ପରେ କେବଳ ଆକ୍ସନ ଭୂମିକାକୁ ହିଁ ଗୁରୁତ୍ୱ ଦେଉଥିଲେ ନବାଗତ ରାଜବୀର ଦେଓ। ପ୍ରଥମ ସିନେମା 'ଲଭ୍ ଫିଭର'ରେ ତ ଆକ୍ସନ ଭରି ରହିଛି, ଏହାବ୍ୟତୀତ ସେ ଅଭିନୟ କରିଥିବା ଦ୍ୱିତୀୟ ଚଳଚ୍ଚିତ୍ର 'ଅରୁନ୍ଧତୀ'ରେ ତାଙ୍କୁ ମିଳିଛି ନିଜର ମନ ପସନ୍ଦର ଭୂମିକା। ଏ ନେଇ ରାଜବୀର କହନ୍ତି, 'ଯେତେବେଳେ ଏହି ଫିଲ୍ମର ନିର୍ଦ୍ଦେଶକ ରମେଶ ରାଉତ ମୋତେ କାହାଣୀ ଏବଂ ମୋ ଭୂମିକା ବିଷୟରେ ବିଷଦ ଭାବରେ ସୂଚନା ଦେଲେ ସେତେବେଳେ ତାହା ମୋତେ ବେଶ୍ ପ୍ରଭାବିତ କରିଥିଲା। ଏହି ଭୂମିକାକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିନେଇଥିଲି। କ୍ୟାମେରା ସାମନାରେ ଯେମିତି କିଛି ଅସୁବିଧା ନ ହୁଏ ସେ ନେଇ ନିର୍ଦ୍ଦେଶକଙ୍କ ସହ ନିୟମିତ ଟଚ୍‌ରେ ରହୁଥିଲି। ଆଶା ରହିଛି କେବଳ ଏହି ଫିଲ୍ମ ନୁହେଁ, ମୋ ଭୂମିକା ମଧ୍ୟ ଦର୍ଶକଙ୍କୁ ପ୍ରଭାବିତ କରିବ।' ଏହି ଫିଲ୍ମରେ ରାଜବୀରଙ୍କ ଅପୋଜିଟ୍‌ରେ ଅଛନ୍ତି ଏଲିନା ପ୍ରିୟଦର୍ଶିନୀ। ଫିଲ୍ମଟିର ପୋଷ୍ଟ ପ୍ରଡକ୍ସନ କାମ ଶେଷ ହୋଇଛି ଏବଂ କୋଭିଡ୍ କଟକଣା ଉଠିବା ପରେ ରିଲିଜ ହେବାର ଯୋଜନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।



ବିଦ୍ୟା ବାଲାନ୍

## ଅଫିସର ହେବ ଏମିତି

ସତରେ ଅଫିସର ହେବ ଏମିତି। ନିଜ ଦାୟିତ୍ୱ ପ୍ରତି ଜଣେ ଫରେଷ୍ଟ ଅଫିସର କେତେ ଯତ୍ନବାନ ହେବା ଦରକାର ତାହା କହିବୁଲୁଛନ୍ତି ବିଦ୍ୟା ବାଲାନ୍। କାରଣ ସେପରି ଏକ ଭୂମିକାରେ ସେ ଖୁବ୍ ଶୀଘ୍ର ପରଦା ଉପରେ ମୁହଁ ଦେଖାଇବେ। ଫିଲ୍ମଟି ହେଲା 'ଶେରନୀ'। ଏଥିରେ ବିଦ୍ୟା ଜଣେ ଫରେଷ୍ଟ ଅଫିସର ଭୂମିକାରେ ଅଭିନୟ କରିଛନ୍ତି। ଜଙ୍ଗଲ ନିକଟରେ ଥିବା ଏକ ଗାଁକୁ ସେ କିପରି ବାଘ କବଳରୁ ରକ୍ଷା କରୁଛନ୍ତି ତାହାକୁ ନେଇ କାହାଣୀ ଗତିଶୀଳ। ଏହି ଫିଲ୍ମରେ ନିଜ ଭୂମିକା ସମ୍ପର୍କରେ ବିଦ୍ୟା କହନ୍ତି, 'ଏହି ଫିଲ୍ମରେ ମୁଁ ଜଣେ ଫରେଷ୍ଟ ଅଫିସର ଭୂମିକାରେ ଅଭିନୟ କରିଛି। ଫିଲ୍ମର ଶୁଟିଂ ପୂର୍ବରୁ ମୁଁ କେତେଜଣ ଫରେଷ୍ଟ ଅଫିସରଙ୍କ ସହ ମିଶି ଏ ବିଷୟରେ ଆଲୋଚନା କରିଥିଲି, ଯେଉଁଥିପାଇଁ ଏପରି ଭୂମିକାକୁ ସଠିକ୍ ଭାବରେ ତୁଲାଇପାରିଛି।' ଏହି ଫିଲ୍ମର ଟ୍ରେଲର ନିକଟରେ ରିଲିଜ ହୋଇଛି ଏବଂ ତାହାକୁ ଦର୍ଶକ ବେଶ୍ ପସନ୍ଦ କରିଛନ୍ତି। ଏଥିରେ ଶରତ ସାକସେନା ଜଣେ ସାର୍ପ ସୁଟର ଭୂମିକାରେ ଦେଖାଦେବେ।

## ଯାମିଙ୍କ ନୂଆ ଦାୟିତ୍ୱ

ଯାମି ଗୌତମ ଇତି ମଧ୍ୟରେ ଘର ସଂସାର କରିସାରିଛନ୍ତି। 'ଉରି' ସିନେମାର ନିର୍ଦ୍ଦେଶକ ଆଦିତ୍ୟ ଧର୍‌ଙ୍କୁ ସେ ନିକଟରେ ବିବାହ କରିଛନ୍ତି। ଏବେ ତ କୋଭିଡ୍‌ର ଦ୍ୱିତୀୟ ଲହର ପାଇଁ ଶୁଟିଂ ବନ୍ଦ ଅଛି। ଅନ୍ୟପକ୍ଷରେ ଏହାର ପ୍ରକୋପ ନିୟନ୍ତ୍ରଣାଧୀନ ହେଉଥିବାରୁ ଶୁଟିଂ ଆରମ୍ଭ ହେବାର ଆଶା ରହିଛି। ତେବେ ଏହି ସମୟରେ ଯାମି ନିଜକୁ ଏକ ନୂଆ କାମରେ ନିୟୋଜିତ ରଖିଛନ୍ତି। ବସିବା ଠାରୁ କାଶିବା ଭଲ ପରି ସେ ଭଲ କାହାଣୀ ସନ୍ଧାନରେ ଅଛନ୍ତି। ଏ ନେଇ ଯାମି କହନ୍ତି, 'ଏବେ ତ କିଛି କାମ ନାହିଁ, ଘରେ ବସିବା ଅପେକ୍ଷା ମୁଁ ଗୋଟିଏ କାମରେ ନିଜକୁ ନିୟୋଜିତ ରଖିଛି। ତାହା ହେଲା କାହାଣୀ ଚୟନ। ଭଲ ନାରୀଭିତ୍ତିକ କାହାଣୀଟିଏ ସନ୍ଧାନରେ ଅଛି। ଏ ନେଇ ଆଦିତ୍ୟ ମଧ୍ୟ ମୋତେ ସାହାଯ୍ୟ କରୁଛନ୍ତି। କଥା କ'ଣ କି ମୁଁ ସବୁବେଳେ ଗୋଟିଏ ପ୍ରକାର ଭୂମିକାରେ ବାନ୍ଧି ହୋଇ ରହିବାକୁ ଚାହେଁନା। ଭିନ୍ନ ଭିନ୍ନ ଚରିତ୍ରରେ ଅବତୀର୍ଣ୍ଣ ହେଲେ ଜଣେ ନିଜ ଭିତରେ ଥିବା ଅଭିନୟ ଦକ୍ଷତାର ପରିଚୟ ଦେଇପାରିବ।' ତେବେ ଯାମି କିପରି କାହାଣୀଟିଏ ଖୋଜି ପାଉଛନ୍ତି ତାହା ଦେଖିବାକୁ ବାକି ରହିଲା।

## ହସୀନ୍ ଦିଲ୍‌ରୁବାକୁ ଅପେକ୍ଷା

ତାପସୀ ପାନ୍ନୁ ବଲିଉଡ୍‌ରେ ଏଣ୍ଟ୍ରି କରିବାର ଆଠ ବର୍ଷ ହୋଇଗଲାଣି। ହେଲେ ଏଠାରେ ସେ ନିଜ କ୍ୟାରିୟରକୁ ନେଇ ଶଙ୍କା ଆଶଙ୍କା ମଧ୍ୟରେ ନାହାନ୍ତି। କାରଣ ସଫଳତା ରାତାରାତି ଆସି ନ ଥାଏ। ଏଥିପାଇଁ ଅପେକ୍ଷା କରିବାକୁ ପଡେ। ତେବେ ଦକ୍ଷିଣ ଭାରତୀୟ ସିନେମାରେ ସେ ଜଣେ ପରିଚିତ ଅଭିନେତ୍ରୀ। ଏବେ ସେ ଅଭିନୟ କରିଥିବା ହିନ୍ଦୀ ସିନେମା 'ହସୀନ୍ ଦିଲ୍‌ରୁବା'ର ରିଲିଜକୁ ଅପେକ୍ଷା କରିଛନ୍ତି। ଏ ସମ୍ପର୍କରେ ତାପସୀ କହନ୍ତି, 'ଡେଭିଡ୍ ଧାୱନଙ୍କ 'ଚସମେ ବଦ୍ଦୁର' (୨୦୧୩) ଥିଲା ମୋ ଅଭିନୀତ ପ୍ରଥମ ହିନ୍ଦୀ ସିନେମା। ହେଲେ ତା' ପୂର୍ବରୁ ମୁଁ ବେଶ୍ କେତୋଟି ତାମିଲ ଏବଂ ତେଲଗୁ ଚଳଚ୍ଚିତ୍ରରେ ଅଭିନୟ କରିସାରିଥିଲି। ଏହାଭିତରେ ମୁଁ 'ବଦଲା', 'ମନମର୍ଜିୟାଁ', 'ମିଶନ ମଙ୍ଗଲ' 'ଥପଡ' ଫିଲ୍ମରେ ଆକ୍ଟିଂ କରିସାରିଛି। ତେବେ 'ହସୀନ ଦିଲ୍‌ରୁବା'ରେ ମୋ ଭୂମିକା ଏକ ଭିନ୍ନ ଧରଣର ଏବଂ ତାହା ଦର୍ଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ ବୋଲି ଆଶା ରଖିଛି।' କୁନିକା ଧିଲୋଁନ୍‌ଙ୍କ ରଚିତ ଏକ ମର୍ଡର ମିଷ୍ଟ୍ରି କାହାଣୀ ଉପରେ ଏହି ଫିଲ୍ମଟି ନିର୍ମିତ ହୋଇଛି। ଆନନ୍ଦ ଏଲ୍ ରାଇ ଏହାର ପ୍ରଯୋଜନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ଭିନିଲ୍ ମ୍ୟାଥ୍ୟୁ।

ତାପସୀ



## ସ୍ପେଶାଲ ଡିନର

ଦିଶା ପଟାନି ଏବେ ଯୁଆଡେ ଗଲେ ଡିନର ବିଷୟରେ ବଖାଣିବାକୁ ଭୁଲୁ ନାହାନ୍ତି। ହେଲେ ଏହି ଡିନରରେ ଏମିତି କ'ଣ ଅଛି କି ତାହାକୁ ସେ ସବୁଆଡେ ଗାଇ ବୁଲୁଛନ୍ତି। କଥା କ'ଣ କି ନିକଟରେ ରିଲିଜ ହୋଇଥିବା 'ରାଧେ-ୟୋର ମୋଷ୍ଟ ୱାଣ୍ଟେଡ୍ ଭାଇ' ହିଟ୍ ହେଲେ ତାଙ୍କୁ ଡିନରରେ ଆପ୍ୟାୟିତ କରିବେ ବୋଲି କଥା ଦେଇଥିଲେ ଟାଇଗର ଶ୍ରଫ। ଟାଇଗର ଆଉ ଦିଶାଙ୍କ ପ୍ରେମ କାହାଣୀ ଏବେ ବା କାହାକୁ ଅଜଣା। ତେଣୁ ଯେଉଁଦିନ ଟାଇଗର ଡିନର ପାଇଁ ତାଙ୍କୁ ଆମନ୍ତ୍ରଣ କରିଥିଲେ ସେହିଦିନ ଠିକ୍ ସମୟରେ ସେଠାରେ ପହଞ୍ଚି ଯାଇଥିଲେ ଦିଶା। ଡିନର ତ ଜମିଲା। ତା' ସହ ଟାଇଗରଙ୍କ ପରିବାର ସହ ବେଶ୍ କିଛି ସମୟ କଟାଇଥିଲେ ଏହି ଅଭିନେତ୍ରୀ। ଏ ସମ୍ପର୍କରେ ଦିଶା କହନ୍ତି, 'ଟାଇଗର ମୋତେ ଯେଉଁ କଥା ଦେଇଥିଲେ ତାହା ସେ ରଖିଲେ, ସେ ନେଇ ତାଙ୍କୁ ଯେତେ ଥ୍ୟାଙ୍କସ ଦେବି ତାହା ସେତେ କମ୍ ହେବ। ଏହି ଡିନର ମୋ ପାଇଁ ସ୍ମରଣୀୟ ହୋଇ ରହିବ।' ସୂଚନାଯୋଗ୍ୟ 'ରାଧେ-ୟୋର ମୋଷ୍ଟ ୱାଣ୍ଟେଡ୍ ଭାଇ'ରେ ସଲମାନ୍ ଖାଁଙ୍କ ଅପୋଜିଟ୍‌ରେ ଅଭିନୟ କରିଥିଲେ ଦିଶା।



ଯାମି



ଦିଶା

ପ୍ରଥମ ରୋଜଗାର

# ରୋଜଗାର ଟଙ୍କାରେ ବଳଦ କିଣା ହୋଇଥିଲା



ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ନାଟ୍ୟକାର, ନିର୍ଦ୍ଦେଶକ, ଅଭିନେତା ପ୍ରଫେସର୍ **ବିଷ୍ଣୁ ଚରଣ ସାହୁ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ଯାଜପୁର ଜିଲା ଭୁଇଁପୁର ପୋଷ୍ଟ ଅନ୍ତର୍ଗତ କଲ୍ୟାଣପୁର ଗାଁରେ ମୋ ଜନ୍ମ। ସ୍ଥାନୀୟ ବରଦାୟୀ ହାଇସ୍କୁଲରେ ପଢୁଥିବାବେଳେ ସପ୍ତମ ଶ୍ରେଣୀରେ ନ୍ୟାଶନାଲ୍ ସ୍କଲାରଶିପ୍ ବାବଦେ ୪୮୦ ଟଙ୍କା ଜାତୀୟ ମେଧାବୃତ୍ତି ପାଇଥିଲି, ଯାହା କି ଥିଲା ମୋ ଜୀବନର ପ୍ରଥମ ରୋଜଗାର। ସେହି ଟଙ୍କାରେ ବାପା ଚାଷ କରିବା ପାଇଁ ଗୋଟିଏ ବଳଦ ଘରକୁ କିଣି ଆଣିଥିଲେ। ବଳଦକୁ ଦେଖି ସେଦିନ ଘରେ ଆମେ ସମସ୍ତେ ବହୁତ ଖୁସି ହୋଇଯାଇଥିଲୁ। ପାଠ ପଢ଼ା ପ୍ରତି ମୋର ଖୁବ୍ ଆଗ୍ରହ ଓ ଶ୍ରଦ୍ଧା ରହିଥିବାରୁ ମୁଁ ବରଦାୟୀ ସ୍କୁଲ୍‌ରୁ ମାଟ୍ରିକ୍ ପାସ୍ କରିବା ପରେ ଯାଜପୁର ଏନ୍.ସି. କଲେଜରେ ନାମ ଲେଖାଇଥିଲି। ସେଠାରୁ ଇଂଲିଶ ଅନର୍ସରେ ବି.ଏ. ସାରି ରେଭେନ୍ସା କଲେଜରେ ଏମ୍.ଏ. ପଢ଼ିଲି। ହେଲେ ତା'ରି ଭିତରେ ଏକ ବଡ଼ ଦୁଃଖଦ ଘଟଣା ଆମ ପରିବାରରେ ଘଟିଯାଇଥିଲା। ମୁଁ ବି.ଏ. ପଢ଼ିବା ସମୟରେ ହିଁ ବାପାଙ୍କର ହଠାତ୍ ଦେହ ଖରାପ ହେଲା ଆଉ ସେ ଆରପାରିକୁ ଚାଲିଗଲେ। ତାଙ୍କ ପରେ ଘରର ସମସ୍ତ ଦାୟିତ୍ୱ ବଡ଼ ଭାଇଙ୍କୁ ବୁଝିବାକୁ ପଡ଼ିଲା। ଏପରି କି ମୋ ପାଠପଢ଼ା କଥା ବି ସେ ବୁଝୁଥିଲେ। ତେଣୁ ପି.ଜି. ସରିବା ପରେ ଯେବେ ମୁଁ ବରଦାୟୀ ହାଇସ୍କୁଲ୍‌ରେ ଅସ୍ଥାୟୀ ଶିକ୍ଷକ ଭାବେ ଶିକ୍ଷକତା କରିବାକୁ ଲାଗିଲି ସେବେ ମୋତେ ପ୍ରତିମାସ ୩୦୦ ଟଙ୍କା ପାରିଶ୍ରମିକ ମିଳୁଥିଲା। ଆଉ ସେହି ଟଙ୍କାକୁ ନେଇ ମୁଁ ମୋ ବଡ଼ ଭାଇଙ୍କ ହାତରେ ଦେଇ ଦେଉଥିଲି। ଏହିପରି ୬ମାସ ଯିବା ପରେ ଯାଜପୁର ରୋଡ୍‌ସ୍ଥିତ ବ୍ୟାସନଗର କଲେଜରେ ୧୯୭୭ ମସିହାରେ ଆଡ୍‌ହକ୍ ଇଂଲିଶ ଅଧ୍ୟାପକ ଭାବେ ଯାଇ ଜଏନ୍ କଲି। ତିନି ବର୍ଷ ପରେ ୟୁଜିସି ସ୍କେଲ୍‌ରେ ମୋର ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟକୁ ପୋଷ୍ଟିଂ ହେଲା। ମାତ୍ର ବର୍ଷେ ସେଠାରେ କାମ କରିବା ପରେ କେନ୍ଦୁଝର ଧରଣୀଧର କଲେଜକୁ ବଦଳି ହୋଇଗଲି। ସେଠାରେ ପାଖାପାଖି ୧୨ ବର୍ଷ କାମ କରିବା ଭିତରେ ବରିଷ୍ଠ ଅଧ୍ୟାପକ ଭାବେ ପ୍ରମୋଶନ ପାଇଲି ଆଉ ରାଉରକେଲା ସରକାରୀ ସ୍ୱୟଂଶାସିତ କଲେଜ, ପାନପୋଷକୁ ବଦଳି ହୋଇଗଲି। ସେଠାରେ ମଧ୍ୟ ୧୪ ବର୍ଷ ପାଖାପାଖି ରହିବା ଭିତରେ ପ୍ରାଧ୍ୟାପାକ ଭାବେ ମୋର ପ୍ରମୋଶନ ହେଲା। ଏହାର କିଛିଦିନ ପରେ ରାଉରକେଲା ସରକାରୀ ସାନ୍ଧ୍ୟ ମହାବିଦ୍ୟାଳୟ (ଯାହାର ବର୍ତ୍ତମାନର ନାମ ରାଉରକେଲା କଲେଜ, ରାଉରକେଲା)କୁ ମୋର ବଦଳି ହେଲା। ସେଠାରେ କିଛିଦିନ ପ୍ରାଧ୍ୟାପକ ଭାବେ କାମ କରିବା ପରେ କଲେଜ ଅଧ୍ୟକ୍ଷ ଭାବେ ମୋତେ ଦାୟିତ୍ୱ ଦିଆଯାଇଥିଲା। ଶେଷରେ ସେହି ଦାୟିତ୍ୱରେ ଥିବା ଅବସ୍ଥାରେ ହିଁ ୨୦୧୧ ଏପ୍ରିଲ୍ ୩୦ରେ ମୁଁ ଚାକିରିରୁ ଅବସର ନେଇଥିଲି। ଏ ତ ଥିଲା ମୋ ଚାକିରି ଜୀବନ କଥା। ଏହାଛଡ଼ା ନାଟକ ସହିତ ମୋର ଅର୍ଦ୍ଧ ଶତାବ୍ଦୀର ସମ୍ପର୍କ। ଷଷ୍ଠ ଶ୍ରେଣୀରେ ପଢ଼ିଲା ବେଳେ କଂସା କବାଟ ନାଟକରେ ବଡ଼ ରାଜ୍‌କୁମାର ବିକ୍ରମ ଭୂମିକାରେ ଶିଶୁ ଅଭିନେତା ଭାବେ ମୁଁ ପ୍ରଥମେ ଅଭିନୟ କରିଥିଲି। ସେହିପରି କଲେଜ ଜୀବନରେ ମଧ୍ୟ ମୁଁ ଅନେକ ନାଟକରେ ଅଭିନୟ କରି ଶ୍ରେଷ୍ଠ ଅଭିନେତା ଭାବେ ବହୁ ପୁରସ୍କାର ଓ ସମ୍ମାନ ପାଇଥିଲି। ତେବେ ୧୯୬୫ ମସିହାରୁ ୨୦୧୫ ପାଖାପାଖି ୫୦ ବର୍ଷ ଧରି ମଞ୍ଚରେ ଅଭିନୟ କରିବାର ଅନୁଭୂତି ମୋତେ ଅନେକ କିଛି ଶିକ୍ଷା ଦେଇଛି। ସେହିପରି ଆଜକୁ ପ୍ରାୟ ୪୨ ବର୍ଷରୁ ଊର୍ଦ୍ଧ୍ୱ ହେବ ନାଟ୍ୟ ନିର୍ଦ୍ଦେଶକ, ପ୍ରଯୋଜକ, ସମୀକ୍ଷକ, ବିଚାରକ ଏବଂ ନାଟ୍ୟକାର ଭାବେ ମଧ୍ୟ ମୁଁ କାର୍ଯ୍ୟ କରିଆସୁଛି। ମୋ ରଚିତ ନାଟକଗୁଡ଼ିକ ମଧ୍ୟରେ ଧର୍ମର ଜୟ, ଏକ ନିଷ୍ଠୁର ସତ୍ୟ ସମ୍ପର୍କରେ, ଅନ୍ଧାରରୁ ଅନ୍ଧାରକୁ ଯାତ୍ରା, ବାନର କଣ୍ଠେ ମୁକ୍ତାମାଳ, ନିଷିଦ୍ଧ ସ୍ୱପ୍ନ ଇତ୍ୟାଦି ଅନ୍ୟତମ। ସେହିପରି ମୋ ନିର୍ଦ୍ଦେଶିତ କେତୋଟି ସଫଳ ନାଟକ ହେଉଛି, ଗୁଣ୍ଡା, ଛତା, ପ୍ରଥା, ଈଶ୍ୱର ଜଣେ ଯୁବକ, ମୋନାଲିସାର ହସ ଇତ୍ୟାଦି ପ୍ରମୁଖ। ତେବେ ନାଟକରେ ଅଭିନୟ ହେଉ ଅବା ନାଟ୍ୟ ରଚନା କିମ୍ବା ନିର୍ଦ୍ଦେଶନା କ୍ଷେତ୍ରରେ ବି ମୋର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଭିନ୍ନ ଅନୁଷ୍ଠାନ ତରଫରୁ ମୋତେ ବହୁ ସମ୍ମାନ ଓ ପୁରସ୍କାର ମଧ୍ୟ ମିଳିଛି ; ଯାହା ମୋତେ ସମାଜରେ ଏକ ନିଆରା ପରିଚିତି ଦେଇପାରିଛି। **–ଅସ୍ମିତା**




# ଲାଜେଇ ପ୍ରେମିକା ମଉନାବତୀ, କେବେ ହେବ ମୋର ମନର ସାଥୀ

**ପ୍ରଶ୍ନ**–ଜଣେ ସୁନ୍ଦରୀ ନିକଟରେ ମୋ ମନ ବନ୍ଧା ପଡ଼ିଯାଇଛି। ହେଲେ ସେ କେବେ ମୋ ମନର ସାଥୀ ହେବ ତାହା କେମିତି ଜାଣିବି ?

*–ସମର ସାହୁ, ବାଲେଶ୍ୱର*

**ଉତ୍ତର:** ଆପଣ ସେହି ସୁନ୍ଦରୀକୁ ମନେ ମନେ ପ୍ରେମ କରୁନାହାନ୍ତି ତ ? ସବୁବେଳେ ଗୋଟିଏ କଥା ମନେ ରଖିବେ, ବାସ୍ତବତାକୁ ଆସି ପ୍ରେମ କଲେ ତାହାର ଅସଲ ମଜା ଜାଣିହୁଏ। ସେହି ଲାଜେଇ ସୁନ୍ଦରୀର ଠିକଣା ଯୋଗାଡ କରି ତା' ମନ ମନ୍ଦିରରେ ଘରଟିଏ କରନ୍ତୁ। 'ଲାଜେଇ ପ୍ରେମିକା ମଉନାବତୀ, କେବେ ହେବ ମୋର ମନର ସାଥୀ' ବୋଲି ଯେଉଁ ପ୍ରଶ୍ନ ମନରେ ଆସୁଛି ତାହାର ସମାଧାନ ଆପେ ଆପେ ହୋଇଯିବ। ବାସ୍, ଥରେ ସେହି ସୁନ୍ଦରୀ ମନ ସହ ଆପଣଙ୍କ ମନ ମିଶିଯାଉ, ତା'ପରେ ଏହି ପ୍ରେମର ମଜା କେତେ ଆପଣ ନିଜେ ଅନୁମାନ କରିପାରିବେ।

**ପ୍ରଶ୍ନ**–ପ୍ରେମ ପରି ଏକ ପବିତ୍ର ଶବ୍ଦରେ ଧୋକା ପରି ଭାଇରସ୍ ଆସେ କାହିଁକି ?

*–ଅଜିତ ରାଉତ, ପାରାଦୀପ, ଜଗତ୍‌ସିଂହପୁର*

**ଉତ୍ତର:** ପ୍ରେମରେ ଯଦି ଆବିଳତା ନ ଥାଏ ଏବଂ ତାହା ନିର୍ମଳ ଆକାଶ ପରି ପରିଷ୍କାର ହୋଇଥାଏ, ତେବେ କିଛି ସମସ୍ୟା ନାହିଁ। ପ୍ରେମର ଦୀର୍ଘତା ପରସ୍ପର ବିଶ୍ୱାସ ଉପରେ ନିର୍ଭର କରେ। ଯଦି ଏହି ବିଶ୍ୱାସର ପ୍ରାଚୀର ଦୁର୍ବଳ ହେଲା ତେବେ ଧୋକା, ସନ୍ଦେହ ପରି ଭାଇରସ ପ୍ରେମ ଭିତରକୁ ଏଣ୍ଟ୍ରି କରନ୍ତି। କେବଳ ସେତିକି ନୁହେଁ, ଏଗୁଡ଼ିକ ସ୍ଲୋ ପଏଜନ ପରି କାମ କରନ୍ତି। ଯେତେବେଳେ ପ୍ରେମର ମୀନାର ଭାଙ୍ଗିଯାଏ ସେତେବେଳେ ତାହାକୁ ନେଇ ସାରା ଜୀବନ ମନ ଆଉଟି ପାଉଟି ହୋଇଥାଏ। ତେଣୁ ନିଜ ପ୍ରେମରେ ବିଶ୍ୱାସକୁ ଯେତେ ଦୃଢ଼ ରଖିବେ ତାହା ସେତେ ଭଲ।

**ପ୍ରଶ୍ନ**–ମୁଁ ଯାହାକୁ ମନ ପ୍ରାଣ ଦେଇ ଭଲ ପାଉଥିଲି ସେ ମୋ ହାତ ଛାଡ଼ି ଆଉ କାହାର ହୋଇଗଲା। ଏବେ ମୁଁ କ'ଣ କରିବି ?

*–ସୁନୀତ କୁମାର, ରାଉରକେଲା*

**ଉତ୍ତର:** ଗତସ୍ୟ ଶୋଚନା ନାସ୍ତି। ଯିଏ ଅଧା ବାଟରେ ହାତଛାଡ଼ି ଚାଲିଗଲା ତା' କଥା ଭାବିଲେ କେବଳ ମନ ଭିତରେ କୁହୁଳୁଥିବା ନିଆଁ ଆହୁରି ସତେଜ ହେବ। ସେପରି ପରିସ୍ଥିତିରୁ ନିଜକୁ ଯେତେ ଶୀଘ୍ର ମୁକୁଳେଇବେ ତାହା ଆପଣଙ୍କ ପାଇଁ ଭଲ ହେବ। କାରଣ ଯିଏ ପର କରି ଆପଣଙ୍କୁ ଛାଡ଼ି ଆଉ କାହାର ହୋଇଗଲାଣି ତା' କଥା ଭାବିଲେ ଆଉ କିଛି ଲାଭ ହେବନି। ତେଣୁ ସେଭଳି ପ୍ରେମରେ ପରମାନେଣ୍ଟ ପୂର୍ଣ୍ଣଚ୍ଛେଦ ପକାଇ ନିଜ ଭବିଷ୍ୟତ ପ୍ରତି ଦୃଷ୍ଟି ଦେଲେ ଭଲ।

**ପ୍ରଶ୍ନ**–ଥରେ ଜଣେ ସୁନ୍ଦରୀ ମୋତେ ଦେଖି ହସି ଦେଲା। ତା'ପରେ ତାହାର ସେହି ହସରେ ମୁଁ ପାଗଳ ହୋଇ ତାକୁ ପ୍ରେମ କରି ବସିଛି। ହେଲେ ଏବେ ସେ ମୋତେ ଦେଖିଲେ ବାଟ କାଟି ଚାଲି ଯାଉଛି। କ'ଣ କରିବି ?

*–ପ୍ରଦୀପ, ରେଢ଼ାଖୋଲ*

**ଉତ୍ତର:** ଯେତେବେଳେ ସେହି ସୁନ୍ଦରୀ ଆପଣଙ୍କୁ ଦେଖି ହସିଦେଲା, ସବୁକିଛି ଠିକ୍ ଥିଲା। ହେଲେ ପରେ ବୋଧହୁଏ ପାଣିପାଗ ବଦଳି ଯାଇଛି। କାରଣ ସବୁ ହସରେ ପ୍ରେମ ନ ଥାଏ। ସେହି ହସକୁ ଭଲ ଭାବରେ ପରଖିବାକୁ ଆପଣ ବୋଧହୁଏ ଭୁଲିଯାଇଥିଲେ। ତେବେ ଯାହା ହେଉ ଆଉ ସେହି ପ୍ରେମ ଆଉ ପ୍ରେମିକାକୁ ମନେ ପକାଇଲେ ମନ ଦୁଃଖ ହେବ। ତେଣୁ 'ରାତ୍ ଗୟି ବାତ୍ ଗୟି' ସେହି ଘଟଣାକୁ ମନରୁ ସମ୍ପୂର୍ଣ୍ଣ ଭାବରେ ପୋଛି ଦିଅନ୍ତୁ।

# ବାଏ ବାଏ ବ୍ୟାକ୍ ପେନ୍

ବାଇକ୍ ଚଳାଇବାବେଳେ ଆଗକୁ ଝୁଙ୍କି ରହିବା ହେଉ କି ନୂଆ ସାଇକେଲ ଚାଳକଙ୍କ ବହୁତ ବାଟ ସାଇକେଲ ଚଳାଇବା। ଅବା ଆଜିକାର ୱାର୍କ ଫ୍ରମ୍ ହୋମ୍ ଟ୍ରେଣ୍ଡ। ଏସବୁ ଲାଗି ଉପୁଜୁଛି ବ୍ୟାକ୍ ପେନ୍ ଓ ନେକ୍ ପେନ୍ ସମସ୍ୟା। ଆଉ ଏଥିରୁ ନିସ୍ତାର ପାଇବାକୁ ହେଲେ କରିବାକୁ ହେବ ନିମ୍ନୋକ୍ତ କିଛି ବ୍ୟାୟାମ...



**ଟ୍ରାଇଶେପ୍ ଡିପ୍ସ–** ସାଇକେଲ ଚଳାଇବାବେଳେ ଅନେକେ ଗହଳିଭରା ପକ୍କାରାସ୍ତା ଛାଡି ଶୂନଶାନ୍ କଚ୍ଚା ରାସ୍ତା ବାଛନ୍ତି। ଏହି ରାସ୍ତାରେ ଗଲାବେଳେ ଖାଲ ଢିପ ଯୋଗୁ ଅଣ୍ଟାରେ ଚାପ ପଡ଼େ। ତେଣୁ ଅଣ୍ଟା ତଥା ଅପର୍ ବଡି ପାର୍ଟକୁ ଶକ୍ତ କରିବା ଲାଗି ଟ୍ରାଇଶେପ୍ ଡିପ୍ସ ଆପଣାନ୍ତୁ। ଏହାକୁ କରିବା ପାଇଁ ଆପଣ ଯେଉଁ ଚେୟାରରେ ବସିଛନ୍ତି ସେଠାରୁ ଓହ୍ଲାଇ ଦୁଇ ହାତରେ ଚେୟାରର ଧାରକୁ ପଛପଟୁ ହିଁ ଧରନ୍ତୁ। ଅର୍ଥାତ୍ ଦୁଇ ହାତ ଶରୀରର ପଛପଟେ ଥିବା ଅବସ୍ଥାରେ ଚେୟାରକୁ ଧରିବେ। ଗୋଡ଼ ଦୁଇଟିକୁ ଆଗକୁ ଲମ୍ବାଇ ଦିଅନ୍ତୁ। ଏହାପରେ ଚେୟାର ଧରିଥିବା ଅବସ୍ଥାରେ ହିଁ ଦୁଇ ହାତକୁ ଉପର ତଳ କରି ଶରୀରର ଉପର ଭାଗକୁ ଉପର ତଳ କରନ୍ତୁ। ଏଭଳି ୧୦–୧୨ ଥର କରିପାରିବେ।

**ଇନ୍‌କ୍ଲାଇଣ୍ଡ ପୁଶ୍ ଅପ୍–** ନୂଆ ସାଇକେଲିଂ କରୁଥିଲେ କିମ୍ବା ଦ୍ରୁତ ଗତିରେ ବହୁତ ଦୂର ସାଇକେଲ ଚଳାଇବାକୁ ଚାହୁଁଥିଲେ ଅପର୍ ବଡି ପାର୍ଟସ୍ ଉପରେ ଚାପ ପଡିଥାଏ। ହ୍ୟାଣ୍ଡେଲକୁ ଜୋର୍‌ରେ ଧରି ହାତ ବି କାଟେ। ଏହିକଷ୍ଟରୁ ନିସ୍ତାର ପାଇବା ପାଇଁ ଇନ୍‌କ୍ଲାଇନ୍‌ଡ ପୁଶ୍ ଅପ୍ କରିପାରିବେ। ଏଥିପାଇଁ ଚେୟାର ଆଡକୁ ମୁହଁକରି ଚେୟାରର ଦୁଇ ହାତକୁ ଧରନ୍ତୁ। ଦୁଇ ଗୋଡକୁ ପଛକୁ କରି ଶରୀରକୁ ଏକ ସ୍ଲୋପ୍ ଭଳି ରଖନ୍ତୁ। ଚେୟାରକୁ ଧରିଥିବା ଅବସ୍ଥାରେ ହିଁ କହୁଣିକୁ ଭାଙ୍ଗି ଅପର୍ ବଡି ପାର୍ଟକୁ ଉପର ତଳ ବା ପୁଶ୍ ଅପ୍ କରନ୍ତୁ। ଏଭଳି ୧୨–୧୫ ଥର କରିପାରିବେ।

**ପ୍ଲାଙ୍କ ପୋଜ୍–** ମୁହଁ ତଳକୁ କରି ଦୁଇ ପାଦର ଆଙ୍ଗୁଠି ଓ ଦୁଇ ହାତ ପାପୁଲିରେ ଦଣ୍ଡ ମାରିବା ବା ପୁଶ୍ ଅପ୍ କଲା ଭଳି ରୁହନ୍ତୁ। ଏହାପରେ ବାମ ହାତ ଓ ଡାହାଣ ଗୋଡକୁ ଭୂମିରୁ ଉପରକୁ ଉଠାଇ ୧୦ ସେକେଣ୍ଡ ରଖନ୍ତୁ। ଏହି ସମୟରେ ପିଠି ଭୂମି ସହ ସମାନ୍ତରାଳ ରହିବା ଜରୁରୀ। ଏହାପରେ ବାମ ହାତ ଡାହାଣ ଗୋଡ ତଳେ ରଖନ୍ତୁ। ଆଉ ଡାହାଣ ହାତ ଓ ବାମ ଗୋଡକୁ ଭୂମିରୁ ଉପରକୁ ଉଠାଇ ପୂର୍ବଭଳି ୧୦ ସେକେଣ୍ଡ ରଖନ୍ତୁ। ଏହିଭଳି ୧ ମିନିଟ୍ ପର୍ଯ୍ୟନ୍ତ କରନ୍ତୁ। ଯଦି ଏହା କଷ୍ଟଲାଗେ ତେବେ ପୁଶ୍ ଅପ୍ ପୋଜ୍‌ରେ ଥାଇ ଗୋଟେ ହାତ ଟେକି ତଳକୁ ରଖନ୍ତୁ, ପରେ ଏକ ଗୋଡ଼ ଟେକି ତାକୁ ତଳେ ରଖନ୍ତୁ। ଏମିତି ବାରମ୍ବାର କରିପାରିବେ।

**ସାଇଡ୍ ପ୍ଲାଙ୍କ–** ଏହି ବ୍ୟାୟାମ ଦ୍ୱାରା କାନ୍ଧ, ଜଙ୍ଘ ଏବଂ ମେରୁଦଣ୍ଡରେ ଦୃଢତା ଆସେ। ଅଣ୍ଟାଠାରୁ ତଳକୁ ଥିବା ତେରଛା ମାଂସପେଶୀ ମଧ୍ୟ ଶକ୍ତ ହୁଏ। ଏହାକୁ କରିବାକୁ ହେଲେ ପ୍ରଥମେ ଭୂମି ଉପରେ ଡାହାଣପଟ ହୋଇ ସିଧାଭାବେ ଶୁଅନ୍ତୁ। ପାଦକୁ ଗୋଟାକ ଉପରେ ଗୋଟେ ଲଦି ରଖନ୍ତୁ। ଏହାପରେ ଡାହାଣ ହାତ ପାପୁଲିରେ ପୂରା ଶରୀରର ଭାର ରଖି ଶରୀରକୁ ଉଠାନ୍ତୁ। ଉଭୟ ପାଦ ସେହିଭଳି ଗୋଟାକ ଉପରେ ଗୋଟେ ରଖିଥାନ୍ତୁ। ବାମ ହାତକୁ ବାମ ଜଙ୍ଘ ଉପରେ ଅବା ଉପରକୁ ଟେକି ରଖିପାରିବେ। ଏହଭଳି ୧୦ ସେକେଣ୍ଡ ରୁହନ୍ତୁ। ପରେ ବାମ ପଟ ହୋଇ ଶୋଇ ସେହିଭଳି ପାଦ ଉପରେ ପାଦ ରଖି ବାମ ହାତ ପାପୁଲିରେ ଶରୀରର ଭାର ରଖି ପୂର୍ବ ଭଳି ପୋଜ୍‌ରେ ୧୦ ସେକେଣ୍ଡ ରୁହନ୍ତୁ। ପାପୁଲିରେ ନ କରିପାରିଲେ କହୁଣିକୁ ଭୂମିରେ ରଖି ସାଇଡ୍ ପ୍ଲାଙ୍କ କରିପାରିବେ।

**ସ୍ପ୍ଲିଟ୍ ସ୍କ୍ୱାଟ୍–** ଡାହାଣ ଗୋଡକୁ ଆଗକୁ ନେଇ ଆଣ୍ଠୁଭାଙ୍ଗି ଗୋଡକୁ ନବେ ଡିଗ୍ରୀ ଭଳି ରଖନ୍ତୁ। ବାମ ଗୋଡ ପଛକୁ ନେଇ ଗୋଇଠିକୁ ଭୂମିରୁ ଉଠାଇ ପାଦ ଆଙ୍ଗୁଠିରେ ଠିଆ ହୁଅନ୍ତୁ। ସେହିଭଳି ଭାବେ ରହି ବାମ ଗୋଡର ଆଣ୍ଠୁକୁ ଭୂମି ଆଡକୁ ନୁଆଁନ୍ତୁ, ଯେମିତିକି ତାହା ଭୂମି ଛୁଇଁବ। ଏହି ସମୟରେ ପିଠି ସିଧା ରଖନ୍ତୁ। ନବେ ଡିଗ୍ରୀରେ ଥିବା ଡାହାଣ ଗୋଡ ସ୍ଥିର ରହିବ। ପରେ ଡାହାଣ ପାଦ ଓ ବାମ ପାଦର ଆଙ୍ଗୁଠିରେ ଚାପ ପକାଇ ସିଧା ଠିଆ ହୁଅନ୍ତୁ। ଏଭଳି କରିବା କଷ୍ଟ ହେଲେ ପଛକୁ ଥିବା ଗୋଡକୁ କୌଣସି ଚେୟାର କିମ୍ବା ପାହାଚରେ ରଖି ଆଗ ଗୋଡକୁ ନବେ ଡିଗ୍ରୀରେ ରଖି ହାତରେ ଡମ୍ବେଲ୍ସ ଧରିପାରିବେ। ଗୋଡର ପୋଜିସନ୍ ବଦଳାଇ ଏହିଭଳି ୧୦ ଥର କରିପାରିବେ।

**ବ୍ୟାକ୍ ଏକ୍ସଟେନ୍ସନ୍–** ଏହି ବ୍ୟାୟାମ ଦ୍ୱାରା ଲୋୟର୍ ବ୍ୟାକ୍ ଦୃଢ ହୁଏ। ଏହାକୁ କରିବା ପାଇଁ ମୁହଁ ଭୂମିକୁ କରି ପେଟେଇ ଶୁଅନ୍ତୁ। କାନ ସିଧା ଦୁଇହାତକୁ ଆଗକୁ ଲମ୍ବାନ୍ତୁ। ଏହାପରେ କାନ୍ଧ, ଛାତି ଓ ଗୋଡକୁ ଉପରକୁ ଟେକନ୍ତୁ। କିଛି ସମୟ ସେହିଭଳି ରହି ହାତ, ଛାତି ଓ ଗୋଡ ତଳକୁ କରନ୍ତୁ। ଏହିଭଳି ୧୦–୧୨ ଥର କରିପାରିବେ।



ସ୍ପ୍ଲିଟ୍ ସ୍କ୍ୱାଟ୍





ଟ୍ରାଇଶେପ୍ ଡିପ୍ସ



ସାଇଡ୍ ପ୍ଲାଙ୍କ



ଇନ୍‌କ୍ଲାଇଣ୍ଡ ପୁଶ୍ ଅପ୍

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



ରେସ୍ମା

ଆପଣଙ୍କ ମୁହଁ ମଡେଲ ମିରରରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

ଫଟୋ ସୌଜନ୍ୟ: କୁମାର ଶରତ, ଧରିତ୍ରୀ

# ହାଃ ହାଃ

## ବଡ଼ ଚାକିରି

ପୁଅଘର ଝିଅ ଦେଖିବାକୁ ଯାଇଥାଆନ୍ତି। ଝିଅ ବାପା– ପୁଅ, ତମେ କ'ଣ ଚାକିରି କର?

ପୁଅ– ଆଇ ଆମ୍ ଦି ଡାଇରେକ୍ଟର ଅଫ୍ 'ଗୋଟ୍ ରିସର୍ଚ୍ଚ ଆଣ୍ଡ ଡେଭଲପ୍‌ମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍।'

ଝିଅ ବାପା– ବଡ଼ ଅଫିସର୍ ଅଛ ବୋଧେ। ହେଲେ ମୁଁ ଟିକେ ବୁଝିପାରିଲିନି। ଓଡ଼ିଆରେ ଟିକେ କହିଦେଲ ବାପା।

ପୁଅ– ସରଳ ଭାଷାରେ ମୁଁ ହେଉଛି ଛେଳି ଚରାଳି।

## ଫାଇନ୍

ଶିକ୍ଷକ ବୟେଜ୍ ହଷ୍ଟେଲ ପିଲାଙ୍କୁ– ଯିଏ ବି ଗର୍ଲସ୍ ହଷ୍ଟେଲକୁ ଯିବ, ତାକୁ ଫାଇନ୍ ଦେବାକୁ ହେବ। ପ୍ରଥମ ଥର ଗଲେ ୧୦୦ ଟଙ୍କା ଫାଇନ୍। ଦ୍ୱିତୀୟ ଥର ଗଲେ ୨୦୦ ଟଙ୍କା ଫାଇନ୍। ଆଉ ତୃତୀୟ ଥର ଗଲେ ୫୦୦ଟଙ୍କା ଫାଇନ୍।

ମଣ୍ଟୁ– ସାର୍ ମାସିକିଆ ପାସ୍ ପାଇଁ କେତେ ଟଙ୍କା?

## ଦ୍ୱିତୀୟ ବିବାହ

ସ୍ତ୍ରୀ– ମୁଁ ଯଦି ମରିଯାଏ, ତେବେ ତୁମେ କେତେଦିନ ପରେ ବିବାହ କରିବ?

ସ୍ୱାମୀ– ଯୁଗ ଯେମିତି ମହଙ୍ଗା ହେଲାଣି, ଭାବୁଛି ତୁମକୁ ଶ୍ରାଦ୍ଧ ଦେବା ଦିନ ହିଁ ରିସେପ୍ସନ କରିଦେବି। ଖର୍ଚ୍ଚ କମ୍ ହେବ।



# କରୋନା ପରେ କେଉଁଠିକୁ ବୁଲି ଯାଇପାରିବେ







ବର୍ତ୍ତମାନର ଏହି କରୋନା ମହାମାରୀକୁ ଧ୍ୟାନରେ ରଖି ଅଧିକାଂଶ ଲୋକ ନିଜ ନିଜ ଘରେ ରହିବାକୁ ବେଶି ପସନ୍ଦ କରୁଛନ୍ତି। ଏପରି କି ଭ୍ରମଣପ୍ରିୟ ଲୋକେ ବି ବର୍ତ୍ତମାନର ପରିସ୍ଥିତିକୁ ଦେଖି କୁଆଡ଼େ ଯିବାକୁ ଇଚ୍ଛା କରୁନାହାନ୍ତି। ଏପରି କରିବା ମଧ୍ୟ ଠିକ୍। କରୋନା ସଂକ୍ରମଣରୁ ମୁକ୍ତି ପାଇବା ପାଇଁ କୁଆଡ଼େ ବୁଲାବୁଲି ନ କରି ବରଂ ଘରେ ରହିବା ବୁଦ୍ଧିମାନର କଥା। ତେବେ ଅନେକଙ୍କ ମନରେ ଏକଥା ଉଠୁଥିବ ଯେ, ଭବିଷ୍ୟତରେ ଯେବେ କରୋନା ପରିସ୍ଥିତିରେ ସୁଧାର ଆସିବା ସହ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଲକ୍ ଡାଉନ୍, ଶଟ୍‌ଡାଉନ୍ ନିୟମକୁ ଉଠାଇ ଦିଆଯିବ, ସେତେବେଳେ ପର୍ଯ୍ୟଟକ କେଉଁ କେଉଁ ସ୍ଥାନକୁ ସୁବିଧାରେ ବୁଲିଯାଇ ପାରିବେ। ତେଣୁ ଏକଥାକୁ ଦୃଷ୍ଟିରେ ରଖି ଏଠାରେ ସେମିତି କେତେକ ସ୍ଥାନ ସମ୍ପର୍କରେ ଉଲ୍ଲେଖ କରାଗଲା, ଯେଉଁଠାକୁ ପର୍ଯ୍ୟଟକ କରୋନା ମହାମାରୀ ପରେ ବୁଲିଯାଇ କିଛିଟା ନିଆରା ଅନୁଭୂତି ସାଉଁଟିପାରିବେ।

**କରୋନା ପାଇଁ ଏବେ ଅଧିକାଂଶ ଲୋକ ଘରେ ରହୁଛନ୍ତି। ଭବିଷ୍ୟତରେ ଯେବେ ଏହି ପରିସ୍ଥିତିରେ ସୁଧାର ଆସିବ ସେତେବେଳେ ପର୍ଯ୍ୟଟକ କେଉଁ କେଉଁ ସ୍ଥାନକୁ ବୁଲିଯାଇ ଆନନ୍ଦ ଲାଭ କରିପାରିବେ ତାହାକୁ ନେଇ ଏଇ ଉପସ୍ଥାପନା...**

**ଚେରାପୁଞ୍ଜି:** ମେଘାଳୟରେ ଅବସ୍ଥିତ ଚେରାପୁଞ୍ଜିର ପ୍ରାକୃତିକ ପରିବେଶ ବେଶ୍ ମନଲୋଭା ହୋଇଥାଏ। ତେଣୁ ଏଠାରେ ବୁଲାବୁଲି କଲେ ସ୍ୱଚ୍ଛ ଅମ୍ଳଜାନ ମିଳିବା ସହ ମନକୁ ବେଶ୍ ଶାନ୍ତି ମିଳିଥାଏ। ତା'ଛଡ଼ା ଅଧିକ ମାତ୍ରାରେ ବର୍ଷା ହେଉଥିବା ସ୍ଥାନ ଭାବେ ମଧ୍ୟ ଏହି ସ୍ଥାନର ଖ୍ୟାତି ରହିଛି ; ଯଦ୍ୱାରା ବର୍ଷସାରା ଏଠାକାର ପାଣିପାଗ ପ୍ରାୟତଃ ଆର୍ଦ୍ରତାପୂର୍ଣ୍ଣ ରହିଥାଏ। ତେଣୁ ବୁଲାବୁଲି କରିବାରେ ଆଦୌ ଅସ୍ୱାପଣ ଜଣା ପଡେନାହିଁ। ଏହାଛଡ଼ା ଚେରାପୁଞ୍ଜିରେ ଆଗନ୍ତୁକଙ୍କ ମନକୁ ମୋହିବା ପାଇଁ ସ୍ୱାଦିଷ୍ଟ ମୋମୋ ଏବଂ ଚା' ମଧ୍ୟ ମିଳିଥାଏ। ସେହିପରି ଏଠାକାର କିଛି ସୀମାକୁ ଲାଗି ରହିଛି ବାଂଲାଦେଶ। ଦୂରରୁ ହେଉ ପଛକେ ପର୍ଯ୍ୟଟକ ଚେରାପୁଞ୍ଜିରେ ରହି ବି ବାଂଲାଦେଶର ଶୋଭାକୁ ଉପଭୋଗ କରିପାରିବେ। କରୋନା ମହାମାରୀ ପରେ ବୁଲିଯିବା ପାଇଁ ଏହାଠାରୁ ବଳି ଭଲ ସ୍ଥାନ ଆଉ କ'ଣ ହୋଇପାରେ।

**ଶିମ୍ଲା:** ହିମାଚଳ ପ୍ରଦେଶରେ ଅବସ୍ଥିତ ଶିମ୍ଲା ବି ନିଜର ଅପୂର୍ବ ପ୍ରାକୃତିକ ଶୋଭା ତଥା ତୁଷାରପାତ ପାଇଁ ବେଶ୍ ଖ୍ୟାତି ଅର୍ଜନ କରିଥାଏ ; ଯେଉଁଥିପାଇଁ ପ୍ରତିବର୍ଷ ବହୁ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ବୁଲି ଆସିଥାନ୍ତି। କିନ୍ତୁ କରୋନା ମହାମାରୀ ଯୋଗୁ ଏବେ ଏଠାକୁ ପର୍ଯ୍ୟଟକଙ୍କର ଯା'ଆସରେ ଟିକେ ପ୍ରତିବନ୍ଧକ ଦେଖିବାକୁ ମିଳୁଛି। ହେଲେ ଯେବେ ସବୁକିଛି ପୁଣି ଥରେ ଠିକ୍‌ଠାକ୍ ହୋଇ ପରିସ୍ଥିତିରେ ସୁଧାର ଆସିଯିବ, ସେବେ ପର୍ଯ୍ୟଟକ ଚାହିଁଲେ ପୁଣି ଶିମ୍ଲାକୁ ବୁଲି ଯାଇ ନିଜ ଅଭିଳାଷକୁ ପୂରଣ କରିପାରିବେ। କ୍ରାଏଷ୍ଟ ଚର୍ଚ୍ଚ, ମଲ୍ ରୋଡ୍, କୁଫ୍ରୀ, ଗ୍ରୀନ୍ ଭ୍ୟାଲେ, କାଳି ବରି ମନ୍ଦିର, ହିମାଚଳ ଷ୍ଟେଟ୍ ମ୍ୟୁଜିୟମ୍ ଇତ୍ୟାଦି ହେଉଛି ଏଠାକାର କେତୋଟି ପ୍ରମୁଖ ପର୍ଯ୍ୟଟକସ୍ଥଳୀ। ତା'ଛଡ଼ା ଜାଖୁ ହିଲ୍ ଓ ମନ୍ଦିର ନାମରେ ଏଠାରେ ଏକ ସ୍ଥାନ ମଧ୍ୟ ରହିଛି, ଯେଉଁଠାରେ ପର୍ଯ୍ୟଟକ ବଜରଙ୍ଗବଲୀଙ୍କର ଏକ ବିରାଟ ମୂର୍ତ୍ତି ଦେଖିବାକୁ ପାଇପାରିବେ। ଏସବୁ ବ୍ୟତୀତ ଶିମ୍ଲାରେ ଅନେକ ଦୁଃସାହସିକ କ୍ରୀଡ଼ା ପାଇଁ ବି ବହୁ ସୁବିଧା ରହିଛି।

**କୋଚି:** କେରଳସ୍ଥିତ କୋଚିରେ ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ରହିଛି ଅନେକ ଆକର୍ଷଣୀୟ ନଦୀ, ଝରଣା ତଥା ବହୁ ମନୋରମ ପର୍ଯ୍ୟଟନସ୍ଥଳୀ। ତା'ଛଡ଼ା ଏଠାକାର ନୌକା ସବାରି ପର୍ଯ୍ୟଟକଙ୍କୁ ଅପୂର୍ବ ଆନନ୍ଦ ଦେଇଥାଏ। ସେହିପରି ପ୍ରାକୃତିକ ବୈଭବର ଗନ୍ତାଘର ଭାବେ ଜଣାଶୁଣା କୋଚିର ବର୍ଷସାରା ପାଣିପାଗ ବୁଲାବୁଲି କରିବା ପାଇଁ ମଧ୍ୟ ବେଶ୍ ଅନୁକୂଳ ରହିଥାଏ। ସେଥିପାଇଁ ଏଠାରେ ପ୍ରତିବର୍ଷ ପର୍ଯ୍ୟଟକଙ୍କର ଖୁବ୍ ଭିଡ଼ ଦେଖିବାକୁ ମିଳିଥାଏ। ତେବେ କରୋନା ପାଇଁ ଏବେ ଏଠାରେ ଆଗନ୍ତୁକଙ୍କର ସଂଖ୍ୟା କମି ଯାଇଥିଲେ ହେଁ, ପୁଣି ଯେବେ ପରିସ୍ଥିତିରେ ସୁଧାର ଆସିବ ପର୍ଯ୍ୟଟକ ପୁନର୍ବାର ଏଠାକୁ ଯିବାକୁ ଲାଗିବେ ବୋଲି ଅନୁମାନ କରାଯାଉଛି।

**ମସୁରୀ:** ଉତ୍ତରାଖଣ୍ଡର ମସୁରୀ କଥା ଯଦି ଚିନ୍ତା କରାଯାଏ, ତା'ହେଲେ ଏଠାକାର ସୌନ୍ଦର୍ଯ୍ୟ ମଧ୍ୟ କୌଣସି ଗୁଣରେ କମ୍ ନୁହେଁ। ଯେହେତୁ ଏକ ଶୈଳନିବାସ, ତେଣୁ ଏଠାକାର ଅପୂର୍ବ ପ୍ରାକୃତିକ ପରିବେଶ ଦେଶବିଦେଶର ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ଏହା ବନ୍ଧୁଙ୍କ ସାଙ୍ଗରେ ହେଉ ଅବା ଜୀବନସାଥୀ କିମ୍ବା ସପରିବାରେ ବୁଲିଯିବା ପାଇଁ ଏହା ଏକ ଉପଯୁକ୍ତ ପର୍ଯ୍ୟଟନସ୍ଥଳୀ। ତା'ଛଡ଼ା ଶାନ୍ତ, ସ୍ନିଗ୍ଧ ପରିବେଶ ପାଇଁ ଏହା ବେଶ୍ ଖ୍ୟାତି ମଧ୍ୟ ଅର୍ଜନ କରିପାରିଛି। କରୋନା ଭଳି ଏକ ମାରାତ୍ମକ ମହାମାରୀରୁ ଯେବେ ମୁକ୍ତି ମିଳିବ, ସେବେ ଶାନ୍ତିରେ ଟିକେ ସମୟ ବିତାଇବା ପାଇଁ ଏହି ସ୍ଥାନ ବେଶ୍ ଉପଯୋଗୀ ହୋଇପାରିବ।

ତେବେ କେବଳ ଏତିକି ସ୍ଥାନ ନୁହେଁ ଭାରତରେ ଏମିତି ଆହୁରି ଅନେକ ସ୍ଥାନ ମଧ୍ୟ ରହିଛି, ଯେଉଁଠାକୁ ପର୍ଯ୍ୟଟକ କରୋନା ମହାମାରୀ ପରେ ବୁଲିଯାଇ ଶାନ୍ତିରେ ଟିକେ ଭ୍ରମଣ କରି ମନକୁ ଖୁସି କରିପାରିବେ।











# ଲାଞ୍ଜଟିଏ ଚାହୁଁଥିଲେ

କୁକୁର, ବିଲେଇଙ୍କ ଭଳି ମଣିଷର ଲାଞ୍ଜ ଥିଲେ କେମିତି ଦେଖାଯାଇଥାଆନ୍ତା କେବେ ଭାବିଛନ୍ତି ? ଭାରି କୌତୁକିଆ ଦେଖାଯିବ ମଣିଷ । କିନ୍ତୁ ଏହା କ'ଣ କେବେ ସମ୍ଭବ । ଜାଣି ଆଶ୍ଚର୍ଯ୍ୟ ହେବେ ଏବେ ଆପଣ ଚାହିଁଲେ ବି ଲାଞ୍ଜଟିଏ ପାଇପାରିବେ । 'ମି ଟେଲ୍' ନାମକ ଏକ କମ୍ପାନୀ ତିଆରି କରିଛି ମଣିଷଙ୍କ ପାଇଁ ଲାଞ୍ଜ । ଏହି ଲାଞ୍ଜ ଏମିତି ସେମିତି ନୁହେଁ । ଏହାକୁ ଆପଣ ନିଜ ଇଚ୍ଛା ଅନୁସାରେ ସ୍ମାର୍ଟଫୋନ୍ କମାଣ୍ଡ ଜରିଆରେ ହଲାଇପାରିବେ । ଏହା ଏକ ଆନିମାଟ୍ରୋନିକ୍ ଲାଞ୍ଜ । ଉକ୍ତ ଲାଞ୍ଜ ଦେଖିବାକୁ ସତସତିକା ଲାଗେ । ଏହି ଲାଞ୍ଜରେ ଏକ ରିମୁଭେବଲ୍ କଭର୍, ଫାଷ୍ଟ ୟୁଏସ୍‌ବି ସି-ଚାର୍ଜିଂ ଅଛି । ତା'ସହ ଏହା ପାୱାରବ୍ୟାଙ୍କ ଦ୍ୱାରା ବି ଚାର୍ଜ ହୋଇପାରେ । ଯଦ୍ୱାରା ୧୦ ଘଣ୍ଟା ପର୍ଯ୍ୟନ୍ତ ଏହାକୁ ଆରାମରେ ବ୍ୟବହାର କରିପାରିବେ । ଏଥିରେ ନୂଆ ପ୍ରକାରର ଡି କ୍ଲିପ୍ ଲଗାଯାଇଛି । ଫଳରେ ବେଶ୍ ସହଜରେ ଗୋଟିଏ ହାତରେ ଲାଞ୍ଜ ଲଗେଇ ହେବ । ଏହି ଲାଞ୍ଜ ବହୁତ ହାଲ୍‌କା । ଏହା ଏକ ଆପ୍ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ଏହାବାଦ୍ ଏଥିରେ ନୋ ଫୋନ୍ ମୋଡ୍ ବି ଅଛି ; ଯଦ୍ଦ୍ୱାରା ଲାଞ୍ଜ ବିନା ଆପ୍‌ରେ ବି ଆକ୍ଟିଭେଟ୍ ହେବାର ୬୦ ସେକେଣ୍ଡ ପରେ ଆପେ ହଲିଥାଏ । ଫଳରେ ଲାଞ୍ଜ ସତସତିକା ପରି ଲାଗେ ।

## କାର୍ଟୁନ କର୍ନର






# ଭିନ୍ନ ଏକ ରଜପର୍ବ





ଗ୍ରୀଷ୍ମ ଋତୁ ବିଦାୟ ନେବା ପରେ ପରେ ବର୍ଷାର ଆଗମନ ହୁଏ ।ଯେମିତି କି ରଜ ଆସିଲେ ପ୍ରକୃତିର ରୂପ ବଦଳେ । ଏମିତିରେ ଗାଁରୁ ସହର ରଜ ପାଇଁ ହୁଏ ଉତ୍ସବମୁଖର। କିନ୍ତୁ ଗାଁଠାରୁ ଦୂରରେ ତଥା ସହରରେ ରହୁଥିବା ଲୋକମାନେ ବି ସ୍ୱତନ୍ତ୍ର ଭାବେ ରଜକୁ ପାଳନ କରିଥାନ୍ତି। ଏଥିପାଇଁ ବିଭିନ୍ନ ପାରମ୍ପରିକ ନାଚଗୀତ, ଖେଳ ଓ ଘରୋଇ ପିଠାପଣାର ଆୟୋଜନ କରିଥାନ୍ତି ; ଯାହା କି ସହରରେ ଭିନ୍ନ ଏକ ଗ୍ରାମୀଣ ସଂସ୍କୃତିର ପରିବେଶ ସୃଷ୍ଟି ହୋଇଥାଏ। ତେବେ ଦୀର୍ଘ ୨୨ବର୍ଷ ଧରି ଭୁବନେଶ୍ୱରରେ ମଶାଲ ଅନୁଷ୍ଠାନ ତରଫରୁ ପାଳନ ହୋଇ ଆସୁଥିବା ରଜ ଉତ୍ସବ ଏଥର କିନ୍ତୁ କରୋନା ମହାମାରୀ କଟକଣା ଯୋଗୁ କୋଳାହଳଠାରୁ ଖୁବ୍ ଦୂରରେ। ଯାହା କେବଳ ସ୍ମୃତିରେ ମନେପଡ଼େ ସେ ଦିନର ରଜ। ଏହି ଉତ୍ସବର ଅନ୍ୟତମ ଆୟୋଜକ ଡ. ତାପସ କୁମାର ସାମନ୍ତରା (କେନ୍ଦ୍ର ସରକାରଙ୍କ ପୂର୍ବାଞ୍ଚଳ ସଂସ୍କୃତି କେନ୍ଦ୍ରର ସହକାରୀ ନିର୍ଦ୍ଦେଶକ) କୁହନ୍ତି, ୧୯୯୪ ମସିହାରୁ 'ମଶାଲ' ଅନୁଷ୍ଠାନର କର୍ମକର୍ତ୍ତାମାନେ ବିଭିନ୍ନ ସମୟରେ ନାନାପ୍ରକାରର ଜନମଙ୍ଗଳ କାର୍ଯ୍ୟ କରିବା ସହିତ ପ୍ରତିବର୍ଷ ରଜପର୍ବ ପାଳି ବେଶ୍ ଖୁସୀ ହୋଇଥାନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଶେଷକରି ଶ୍ୟାମସୁନ୍ଦର ପାଢ଼ୀ, ରାଜେନ୍ଦ୍ର ମହାପାତ୍ର, ସନ୍ଦିପ ରଥ, ପ୍ରଭଞ୍ଜନ ସାହୁ, ଚନ୍ଦନଶଙ୍କର ପଣ୍ଡା, ଚନ୍ଦ୍ରକାନ୍ତ ମିଶ୍ର, ସରୋଜ ଅଗ୍ରୱାଲ ଓ ଲକ୍ଷ୍ମୀନାରାୟଣ ବରାଳ ପ୍ରମୁଖ ସହଯୋଗ କରିଥାନ୍ତି। ମାତ୍ର ୨୦୦୦ମସିହା ଜୁନ୍ ୧୪ ଠାରୁ ପ୍ରତିବର୍ଷ ରବୀନ୍ଦ୍ର ମଣ୍ଡପ ପରିସରରେ ମଶାଲ ଅନୁଷ୍ଠାନ ତରଫରୁ ରଜପର୍ବକୁ ପାଳନ କରାଯାଇଥାଏ। ଏଥିପାଇଁ ପ୍ରତିବର୍ଷ ଜାନୁୟାରୀ ମାସରୁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।ଏକ ଗ୍ରାମୀଣ ପରିବେଶର ମଞ୍ଚ ସଜାହୁଏ। ଓଡ଼ିଶାର ବିଭିନ୍ନ ସ୍ଥାନରୁ ଏବଂ ରାଜ୍ୟ ବାହାରୁ କଳାକାରମାନଙ୍କୁ ଆମନ୍ତ୍ରଣ କରାଯାଇଥାଏ। ତେବେ ମଶାଲର ଏହି ରଜପର୍ବରେ ଯୋଗଦେବା ପାଇଁ ଏବଂ ଖୁସି ମନାଇବା ଲାଗି ପ୍ରାୟବର୍ଷକ ପୂର୍ବରୁ ବହୁ କଳାସଂସ୍କୃତିପ୍ରେମୀ ଅପେକ୍ଷା କରିଥାନ୍ତି। ଓଡ଼ିଶାର ଭାଷା, ସାହିତ୍ୟ, ସଂସ୍କୃତି, ନାଚ, ଗୀତ, ପାରମ୍ପରିକ ଖେଳ, ଲୋକକଳା ଓ ଗ୍ରାମୀଣ ପରିବେଶର ଚିତ୍ରକୁ ସହରରେ ନିଆରା ଢଙ୍ଗରେ ପାଳନ କରାଯାଇଥାଏ। ଯେପରି କି ଏହି ପରିସରରେ ଗାଁର ଖଳାବାରି, ଗାଈ ଗୁହାଳ, ଝୋଟିପକା, ମୁରୁଜ ପକା ଆଦି ବିଭିନ୍ନ କଳାକୃତିକୁ ପ୍ରଦର୍ଶନ କରାଯାଇଥାଏ ;ଯାହା କି ଏକ ଛୋଟ ଗାଁଟିର ଚିତ୍ରପରି ଭ୍ରମସୃଷ୍ଟିକରେ। ଉତ୍ସବ ଭିତରକୁ ପ୍ରବେଶ କରୁଥିବା ଅତିଥିମାନଙ୍କୁ ପ୍ରଥମେ ଚନ୍ଦନଟିପା, ମଲିଫୁଲ ଓ ପାନ ଦେଇ ସ୍ୱାଗତ କରାଯାଇଥାଏ। ଏଠାରେ ରଜପାନ, ଖେଳ, ପିଠାପଣା, ନାଚଗୀତ, ଦୋଳି, ହୁଳହୁଳି, କାନ୍ଦଣା, ପୁଚିଖେଳ, ଗାଁର କବିତା, ନାଟୁଆ ମଞ୍ଚ, ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା, ସାହିଯାତ, ପାରମ୍ପରିକ ଲୋକନୃତ୍ୟ ଆୟୋଜନ କରାଯାଇଥାଏ। ନାରୀମାନଙ୍କ କେଶବିନ୍ୟାସ, ଅଳତା ଲଗା, ଓଡ଼ିଆଣୀର ଚାଲିଚଳନ ଇତ୍ୟାଦିକୁ ଏଠାରେ ଦେଖିବାକୁ ମିଳେ। ଲୋକଲୋଚନର ଆଢୁଆଳରେ ଥିବା ଅନେକ କଳାକାରଙ୍କୁ ଖୋଜି ଲୋଡ଼ାଯାଇ ଏହି ରଜମଞ୍ଚରେ ତାଙ୍କର କଳାକୁ ପରିବେଷଣ ପାଇଁ ସୁଯୋଗ ସୃଷ୍ଟି କରାଯାଇଥାଏ। ପୁଣି ପ୍ରତିଯୋଗୀଙ୍କ ମଧ୍ୟରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିବା ପ୍ରତିଭାଙ୍କୁ କିଛି ରୋଜଗାରର ପନ୍ଥା ଉଦ୍ଦେଶ୍ୟରେ ଉତ୍ସାହିତ କରାଯାଇଥାଏ। ପ୍ରତିଯୋଗୀଙ୍କ ମଧ୍ୟରୁ ଜଣେ ପ୍ରତିଭାବାନ ମହିଳାଙ୍କୁ ସ୍ୱତନ୍ତ୍ର ଭାବେ 'ମଶାଲ ପ୍ରତିଭା' ପୁରସ୍କାର ସହିତ ପ୍ରାୟ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଥାଏ। ସେହିପରି ଜଣେ ମେଧାବୀ ଗରିବ ଶ୍ରେଣୀର ଛାତ୍ରୀଙ୍କୁ ପାଠପଢ଼ିବା ନିମନ୍ତେ ମାଗଣାରେ ବର୍ଷକର ସ୍ୱତନ୍ତ୍ର ଖର୍ଚ୍ଚ ବ୍ୟବସ୍ଥା କରାଯାଇଥାଏ ।ଏଠାର ରଜପର୍ବରେ ସମାଜର ବହୁପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ଯୋଗଦାନ ରହିଥାଏ। କଣ୍ଠଶିଳ୍ପୀ ସୁସ୍ମିତା ଦାଶ କୁହନ୍ତି ମଶାଲର ରଜପର୍ବରେ ଦୁଇଥର ଗୀତଗାଇବାର ସୁଯୋଗ ମିଳିଛି ।ରଜଦୋଳି,ରଜପାନ,ରଜପିଠା ଦେଖିଛି। ସଂନ୍ଧ୍ୟାବେଳେ ଏଠାରେ ଯେଉଁ ସାଂସ୍କୃତିକ କାର୍ଯ୍ୟକ୍ରମ ହୁଏ କେବଳ ପାରମ୍ପରିକ ଲୋକକଳାକୁ ଦେଖିବାକୁ ମିଳିଥାଏ। କିନ୍ତୁ କରୋନା ମହାମାରି ଯୋଗୁ ସେହି ଉତ୍ସବକୁ କେବଳ ମନେପକାଉଛି। ଆଶାକରିଛି ଆଗାମୀଦିନରେ ପୁଣି ସଜବାଜ ହେବ ରଜ। ଏହି ଅନୁଷ୍ଠାନର ରଜଉତ୍ସବ ସମ୍ପର୍କରେ– ନାଟ୍ୟଚେତନାର ପ୍ରତିଷ୍ଠାତା ସୁବୋଧ ପଟ୍ଟନାୟକ କୁହନ୍ତି, ରଜ ଏମିତି ଏକ ମାଧ୍ୟମ ଯାହା ଗାଁ ଓ ସହର ସମ୍ପର୍କକୁ ବାନ୍ଧି ରଖିଥାଏ। ମଶାଲ ତରଫରୁ ଆୟୋଜିତ ରଜପର୍ବ ଏକ ନିଆରା ଆକର୍ଷଣ । ସହରରେ ସବୁଥାଏ ମାତ୍ର ତା'ର ମୂଳଦୁଆ ଗାଁରେ ବୋଲି ଏହା ସୂଚାଇଦିଏ। ଏକ ସ୍ୱତନ୍ତ୍ର ମଞ୍ଚରେ କୁଆଁରୀମାନଙ୍କୁ ସମ୍ମାନ ଓ ରଜପର୍ବର ମହତ୍ତ୍ୱ ମାଟି ମା'ର କଥାକୁ ନେଇ ବିଭିନ୍ନ ରୀତିନୀତିର କାର୍ଯ୍ୟକ୍ରମ ଦେଖିବାକୁ ମିଳୁଥିଲା। କିନ୍ତୁ ଚଳିତବର୍ଷ କରୋନା ମହାମାରୀ ଯୋଗୁ ଏଠାରେ ରଜମଉଜ ସିନା ହୋଇପାରୁ ନାହିଁ, ହେଲେ ରଜସ୍ମୃତିକୁ ମନେପକାଇ ମନ ଭିତରେ ଜାଗ୍ରତ ରହିଛି ଆମ ଗଣପର୍ବ ରଜ ଓ ତା'ର ପାରମ୍ପରିକ ରୀତିନୀତି ।ଯାହା ଆମ ମନକୁ ଆନନ୍ଦ ଦେଇଥାଏ

**–ବନବିହାରୀ**








# ସବୁଠୁ ଉଚ୍ଚା ଦୋଳି



ଦୋଳି ଖେଳର ମଜା ଅଲଗା। ଏହା ଯେତିକି ମଜାଦାର, ସେତିକି ରୋମାଞ୍ଚକର ମଧ୍ୟ। ଛୋଟରୁ ବଡ ସମସ୍ତଙ୍କୁ ଭଲ ଲାଗେ ଦୋଳି ଖେଳ। ଗଛରେ ବନ୍ଧା ଦୋଳି, ପାର୍କରେ ଦୋଳି ବି ଖେଳିଥିବେ। ହେଲେ ଆମେ ଏଠାରେ ଯେଉଁ ଦୋଳି କଥା କହୁଛୁ ସେ ଦୋଳି ଅନେକେ ଖେଳି ନ ଥିବେ। ଆଉ ତା' ସମ୍ପର୍କରେ ଜାଣିଲେ ଅନେକେ ଭୟ କରିବେ ସେଥିରେ ବସିବା ପାଇଁ। କାରଣ ଏ ହେଉଛି ପୃଥିବୀର ସବୁଠାରୁ ଉଚ୍ଚା ଦୋଳି। ଦୋଳି ଝୁଲୁଥିବା ଅର୍ଦ୍ଧଗୋଲାକାର ଫ୍ରେମ ପୃଥିବୀର ସବୁଠାରୁ ଉଚ୍ଚ ସ୍ୱିଙ୍ଗ ଫ୍ରେମଭାବେ ପରିଚିତ। ଏହା ୩୨୮ ଫୁଟ୍ ଉଚ୍ଚତାବିଶିଷ୍ଟ ଅଟେ। ଯାହା କି ୩୦ ମହଲା ଅଟ୍ଟାଳିକାର ଉଚ୍ଚତା ସହ ସମାନ। ଏଠାରେ ୩୫୪ ଫୁଟ୍ ଉଚ୍ଚତାର ଲଞ୍ଚିଂ ଟାୱାର ବି ଅଛି। ଏଠାରେ ଲୋକଙ୍କୁ ଭୂସମାନ୍ତରାଳଭାବେ ବାନ୍ଧି ଘଣ୍ଟାକୁ ୮୦ ମାଇଲ୍ ବେଗରେ ଝୁଲାଯାଏ। ଏତେ ଉଚ୍ଚତାରେ ଝୁଲୁଥିବା ଲୋକଙ୍କ ଚିତ୍କାର ଶୁଣି ବାରିହୁଏ ଏହା କେତେ ରୋମାଞ୍ଚକର। ଭୟ ଓ ରୋମାଞ୍ଚର ଅନୁଭୂତି ସାଉଁଟିବା ପାଇଁ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି।







# ବଲୁଆ କଙ୍କଡ଼ା

କଙ୍କଡ଼ା କିଏ ବା ନ ଦେଖିଛି। ହେଲେ ଏଇ କଙ୍କଡ଼ାକୁ ଦେଖିଲେ ଡର ଲାଗିବ। କାରଣ ଏହା ଆକାରରେ ଯେମିତି ବଡ଼, ସେମିତି ବଲୁଆ ବି। ଦକ୍ଷିଣ ପଶ୍ଚିମ ପ୍ରଶାନ୍ତ ମହାସାଗର ଓ ଭାରତ ମହାସାଗରରେ ଏହା ଦେଖିବାକୁ ମିଳେ। ଏହାକୁ ଅନେକେ ଦୈତ୍ୟ କଙ୍କଡ଼ା ବି କହନ୍ତି। ଉକ୍ତ କଙ୍କଡ଼ାର ଲମ୍ବ ୧ ମିଟର ହୋଇଥିବାବେଳେ ଓଜନ ୪.୫ କି.ଗ୍ରା. ହୋଇଥାଏ। ଏହାର ଗୋଡ଼ ବହୁତ ଶକ୍ତ। ଉକ୍ତ କଙ୍କଡ଼ା ନଡ଼ିଆର ବାହାର ଆବରଣ ଯାହା କି ବହୁତ ଶକ୍ତ ତାକୁ ବି ଭାଙ୍ଗିପାରେ। ଏହି କଙ୍କଡ଼ା ପ୍ରାୟତଃ ନଡ଼ିଆ ଗଛ ଉପରକୁ ଚଢ଼ି ନଡ଼ିଆକୁ ତଳେ ପକାଏ। ଆଉ ତାକୁ ନିଜ ଶକ୍ତ ଗୋଡ଼ରେ କାଟିପାରେ। ତେଣୁ ଏହାକୁ କୋକୋନଟ୍ କ୍ରାବ୍ ବି କୁହାଯାଏ। ଏହାର ଗୋଡ଼ ଏତେ ଶକ୍ତ ଯେ, ମଣିଷର ହାଡ଼କୁ ବି ସେ ଭାଙ୍ଗିଦେଇପାରେ। ଉକ୍ତ କଙ୍କଡ଼ା ଦେହରେ ୩୩୦୦ ନ୍ୟୁଟନ୍ ବଳ ଥାଏ। ଏହି କଙ୍କଡ଼ାର ଆଉ ଏକ ବିଶେଷତ୍ୱ ହେଉଛି ବୟସ ଅନୁସାରେ ତାଙ୍କ ଶରୀରର ରଙ୍ଗ ବଦଳିଥାଏ। ଯୁବାବସ୍ଥାରେ ଏମାନେ ମାଟିଆ ରଙ୍ଗର ଏବଂ ବୟସ୍କ ହେଲେ ବାଇଗଣୀ ରଙ୍ଗର ହୋଇଯାନ୍ତି। ଏହି କଙ୍କଡ଼ା ପଚାସଢ଼ା ଖାଦ୍ୟ ଖାଇ ବଞ୍ଚେ। ପଚିଯାଇଥିବା ପତ୍ରଠାରୁ ଆରମ୍ଭ କରି ପଚା ଫଳ ଅନ୍ୟ କଙ୍କଡ଼ାର କବକକୁ ବି ଖାଇଥାନ୍ତି। ଏମାନଙ୍କ ଘ୍ରାଣ ଶକ୍ତି ବେଶ୍ ପ୍ରଖର। ତେଣୁ ଏମାନେ ପ୍ରାୟତଃ ରାତିରେ ଖାଦ୍ୟ ସଂଗ୍ରହ କରନ୍ତି। ଏହି କଙ୍କଡ଼ାକୁ ଅନେକେ ଚୋର କଙ୍କଡ଼ା ବି କହନ୍ତି। କାରଣ ଏମାନେ ପ୍ରାୟତଃ ବାସନ ଓ ଅନ୍ୟ କିଛି ଜିନିଷ ପାଇଲେ ଚୁପ୍ କିନା ନେଇ ଚାଲିଆସନ୍ତି। ଯଦିଓ ଏମାନେ ସାଧାରଣତଃ ଦୁର୍ଗନ୍ଧ ହେଉଥିବା ମଇଳା ବାସନ ନେଇଥାନ୍ତି। ଆମେରିକାର ଚର୍ଚ୍ଚିତ ମହିଳା ପାଇଲଟ୍ ଆମେଲିଆ ଇୟରହାର୍ଟଙ୍କ ରହସ୍ୟମୟଭାବେ ଉଭାନ୍ ହେବା ପଛରେ ବି ଏହି କଙ୍କଡ଼ାକୁ ଦାୟୀ କରାଯାଏ। ଅନେକେ କୁହନ୍ତି, ଏହି କଙ୍କଡ଼ା ଆମେଲିଆଙ୍କ ମୃତ ଶରୀରକୁ ଛୋଟ ଛୋଟ ଖଣ୍ଡ କରି ନିଜ ସହ ନେଇ ତାକୁ ଖାଇଦେଇଥିବ।

ବ୍ୟାକ୍ ପେଜ୍

# ତିନି ଗୋଡ଼ିଆ ମଣିଷ

ବେଳେବେଳେ ଆମେ ଏମିତି କିଛି ଅଜବ ଦେଖୁ ଯାହାକୁ ସହଜରେ ବିଶ୍ୱାସ କରିହୁଏନା। ସେମିତି କିଛି ଅଜବ ଦେଖିବାକୁ ମିଳିଥିଲା ଇଟାଲିରେ। ଏଠାକାର ଜଣେ ବ୍ୟକ୍ତି ଥିଲେ ବେଶ୍ ଅଜବ। କାରଣ ତାଙ୍କର ସାଧାରଣ ମଣିଷ ଭଳି ଦୁଇଟି ଗୋଡ଼ ନୁହେଁ ବରଂ ଥିଲା ତିନିଟି ଗୋଡ଼। ଆଉ ସେହି ବ୍ୟକ୍ତି ଜଣକ ନିଜ ତିନି ଗୋଡ଼ ସହ ୭୭ ବର୍ଷ ବୟସ ପର୍ଯ୍ୟନ୍ତ ଜୀବନଧାରଣ କରିଥିଲେ। ତାଙ୍କ ନାମ ଥିଲା ଫ୍ରାନ୍ସେସ୍କୋ ଲେଣ୍ଟିନି। ୧୮୮୯ରେ ଇଟାଲିର ସିସିଲି ଦ୍ୱୀପରେ ତାଙ୍କର ଜନ୍ମ। ୧୨ ଭାଇ ଭଉଣୀ ମଧ୍ୟରେ ସେ ଥିଲେ ପଞ୍ଚମ ସନ୍ତାନ। ଛୋଟବେଳୁ ତାଙ୍କୁ ତାଙ୍କ ବାପାମା' ଦାଦା ଖୁଡ଼ୀଙ୍କ ପାଖରେ ଛାଡି ଦେଇଥିଲେ। ଜାଣି ଆଶ୍ଚର୍ଯ୍ୟ ହେବେ ଲେଣ୍ଟିନିଙ୍କର କେବଳ ତିନୋଟି ଗୋଡ଼ ନ ଥିଲା, ତା'ସହ ୪ଟି ପାଦ ଓ ଦୁଇଟି ଗୁପ୍ତାଙ୍ଗ ଥିଲା। ଚତୁର୍ଥ ପାଦଟି ତୃତୀୟ ଗୋଡ଼ର ଆଣ୍ଠୁ ପାଖରେ ଥିଲା, ଯାହା କି ପୁରା ବିକଶିତ ହୋଇ ନ ଥିଲା। କୁହାଯାଏ ସେ ତାଙ୍କ ଯମଜ ଭାଇ/ଭଉଣୀ ସହ ଯୋଡ଼ି ହୋଇଥିଲେ। ସେହି ଅଧା ପିଲାଟି ଲେଣ୍ଟିନିଙ୍କ ମେରୁଦଣ୍ଡ ହାଡ଼ ସହ ଯୋଡ଼ି ହୋଇଥିଲା। ସେ ଏସବୁ ଅନାବଶ୍ୟକ ଅଙ୍ଗକୁ ବାହାର କରିବାକୁ ବି ଚେଷ୍ଟା କରିଥିଲେ। କିନ୍ତୁ ଡାକ୍ତର କହିଥିଲେ ଏସବୁକୁ ହଟାଇଲେ ଜୀବନ ପ୍ରତି ବିପଦ ଅଛି। କାରଣ ତାଙ୍କ ତୃତୀୟ ଗୋଡ଼ ମେରୁଦଣ୍ଡ ହାଡ଼ ନିକଟରେ ଥିଲା। ତେବେ ତାଙ୍କୁ ଯେବେ ୧୨ ବର୍ଷ ବୟସ ହୋଇଥିଲା ତାଙ୍କର ଦେଖା ଓ୍ୱିନସେଞ୍ଜୋ ମୈଗନୈନୋଙ୍କ ସହ ହୋଇଥିଲା, ଯେ କି ସର୍କସ ମାଲିକ ଥିଲେ। ସେ ଲେଣ୍ଟିନିଙ୍କୁ ସର୍କସରେ ଯୋଗ ଦେବାକୁ ପ୍ରସ୍ତାବ ଦେଇଥିଲେ। ଆଉ ଲେଣ୍ଟିନି ରାଜି ହୋଇଯାଇଥିଲେ। ତାପରେ ସର୍କସ୍‌ରେ ଦର୍ଶକଙ୍କ ପ୍ରଥମ ପସନ୍ଦ ଲେଣ୍ଟିନି ପାଲଟି ଯାଇଥିଲେ। ସେ ନିଜର ତୃତୀୟ ଗୋଡରେ ଫୁଟବଲ୍‌କୁ କିକ୍ ମାରିପାରୁଥିଲେ, ଯାହାକି ଲୋକଙ୍କୁ ବେଶ୍ ଭଲ ଲାଗୁଥିଲା। ଲେଣ୍ଟିନି ନିଜର ତୃତୀୟ ଗୋଡକୁ ଷ୍ଟୁଲଭାବେ ମଧ୍ୟ ରଖି ବସିପାରୁଥିଲେ। ଇଟାଲିଠାରୁ ଆରମ୍ଭ କରି ଆମେରିକା ପର୍ଯ୍ୟନ୍ତ ସେ ସର୍କସ୍‌ର ଅନେକ ଶୋ' କରିଥିଲେ। ତାଙ୍କ ଶୋ'ର ନାମ ଥିଲା 'ଥ୍ରୀ ଲେଗ୍ସ ଫୁଟବଲ୍ ପ୍ଲେୟର'। ସେ ନିଜ ତିନି ଗୋଡ଼ ପାଇଁ ସେସବୁବେଳେ ଦୁଇ ଯୋଡ଼ା ଜୋତା କିଣୁଥିଲେ। ସେଥିରୁ ତିନିଟି ନିଜେ ବ୍ୟବହାର କରିବାବେଳେ ବଳକା ଗୋଟେ ଜୋତା ନିଜର ଏକ ଗୋଡ଼ଥିବା ସାଙ୍ଗକୁ ଦେଉଥିଲେ। ଲେଣ୍ଟିନି ବିବାହ ବି କରିଥିଲେ। ଆଉ ତାଙ୍କର ୪ଟି ସନ୍ତାନ ଥିଲେ। ତେବେ ପରେ ପ୍ରଥମ ପତ୍ନୀ ତାଙ୍କୁ ଛାଡି ଚାଲିଯାଇଥିଲେ। ଏହାପରେ ସେ ହେଲେନ୍ ଶୁପେ ନାମ୍ନୀ ମହିଳାଙ୍କୁ ବିବାହ କରିଥିଲେ, ଯେ କି ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କ ସହ ଥିଲେ। ୧୯୬୬ ସେପ୍ଟେମ୍ବର ୨୧ରେ ତାଙ୍କର ମୃତ୍ୟୁ ହୋଇଥିଲା।

